ସପ୍ତଦଶ ବର୍ଷରେ ପଦାର୍ପଣ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର

Tejaswini

ତେଜସ୍ୱିନୀ

Page - 08 Rs. 7.00

ବର୍ଷ-୧୭, ସଂଖ୍ୟା-୩୭, ଭୁବନେଶ୍ୱର: ସେପ୍ଟେମ୍ବର ୨୧-୨୭, ୨୦୨୬ Vol-17, Issue-37, Bhubaneswar : September 21-27, 2026

RNI NO.ODIODI/2010/33715

## ସେମିକନ୍ ଇଣ୍ଡିଆ-୨୦୨୬ରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ନରାଜରେ ହେବ 'ଓଡ଼ିଶା ସିଲିକନ୍ ଭ୍ୟାଲି'



ଭୁବନେଶ୍ୱର: ସେମିକଣ୍ଡକ୍ଟର କ୍ଷେତ୍ରରେ ନିଜର ଦୃଢ଼ ଉପସ୍ଥିତି ଜାହିର କରିବା ସହ 'ସେମିକନ୍ ଇଣ୍ଡିଆ ୦୨୬'ରେ ଓଡ଼ିଶା ନିଜର ଶିଳ୍ପ ପରିସରକୁ ବ୍ୟାପକ କରିଛି। ଦେଶର ସେମିକଣ୍ଡକ୍ଟର ମାନଚିତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ହାସଲ କରୁଛି। ତେବେ ନୂଆଦିଲ୍ଲୀ ଠାରେ ଆୟୋଜିତ 'ସେମିକନ୍ ଇଣ୍ଡିଆ ୨୦୨୬' ସମ୍ମିଳନୀରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରର ଭବିଷ୍ୟତ ଓ ନୂତନ ନିବେଶ ସମ୍ପର୍କରେ ଏକ ବଡ଼ ଘୋଷଣା କରିଛନ୍ତି। ତାହା ହେଉଛି କଟକ'ର ନରାଜଠାରେ ୮୭୦ ଏକର ପରିମିତ ଜମିରେ 'ଓଡ଼ିଶା ସିଲିକନ୍ ଭାଲି' ନିର୍ମାଣ କରାଯିବ। ଏହାଦ୍ୱାରା ସେଠାରେ ଏକ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ହବ୍ ସୃଷ୍ଟି ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟରେ ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ପ୍ରକଳ୍ପଗୁଡ଼ିକୁ ଏକାଠି କରି ଏକ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ହବ୍'ରେ ପରିଣତ କରିବା ପାଇଁ ଏହି ପ୍ରକଳ୍ପ ହାତକୁ ନିଆଯାଇଛି। ନରାଜର ଭୌଗଳିକ ଅବସ୍ଥିତି ଶିଳ୍ପ ପାଇଁ ଅତ୍ୟନ୍ତ ଅନୁକୂଳ ଅଟେ। ଏଠାରୁ ଭୁବନେଶ୍ୱର-କଟକ ସହରାଞ୍ଚଳ କରିଡର ସହ ସୁଗମ ଯୋଗାଯୋଗ ସୁବିଧା ରହିବା ସହ ମହାନଦୀ ନିକଟବର୍ତ୍ତୀ ହୋଇଥିବାରୁ ଆବଶ୍ୟକ ଜଳ ଯୋଗାଣ ମଧ୍ୟ ସହଜ ହୋଇପାରିବ। ଏହାଛଡ଼ା, ପାରାଦୀପ ଏବଂ ଧାମରା ବନ୍ଦର ସହ ସଂଯୋଗ ରହୁଥିବାରୁ ଏହା ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳା ପାଇଁ ଏକ ମୁଖ୍ୟ କେନ୍ଦ୍ର ପାଲଟିବ। ଏହି ସମ୍ମିଳନୀ ଅବସରରେ ରାଜ୍ୟ ସରକାର ପ୍ରାୟ ୨୩,୬୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପାଇଛନ୍ତି, ଯାହାଦ୍ୱାରା ପ୍ରାୟ ୬,୧୦୦ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା 'ସେମିକନ୍ ୨.୦' ଅଧୀନରେ ଓଡ଼ିଶାରେ ଏକ ସମ୍ପୂର୍ଣ୍ଣ ସେମିକଣ୍ଡକ୍ଟର ଭାଲଭକ୍ ଚେନ୍ ଗଠନ ଦିଗରେ ଏକ ବଡ଼ ପଦକ୍ଷେପ। ଏହା ସହିତ ସିଲିକନ୍ କାର୍ବାଇଡ୍ ସବଷ୍ଟ୍ରେଟ୍ ୱାଫର ପ୍ରସ୍ତୁତି ପାଇଁ 'କ୍ୱାଡ଼କ୍ୱାଣ୍ଟମ' ସଂସ୍ଥା ସହ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ନୂଆଦିଲ୍ଲୀରେ ଚାଲିଥିବା ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜାପାନ, ସ୍ୱିଡେନ୍ ଏବଂ ତାଇୱାନର ଆନ୍ତର୍ଜାତୀୟ ପ୍ରତିନିଧି ଦଳ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହାବ୍ୟତୀତ ଲ୍ୟାମ୍ ରିସର୍ଚ୍ଚ, ଆପ୍ଲାଏଡ୍ ମେଟେରିଆଲ୍ସ, ସିକ ସେମ୍, ଥ୍ରୀ-ଡି ଗ୍ଲାସ୍ ସୋଲ୍ୟୁସନ ଏବଂ ସାଇଏଣ୍ଟ୍ ଭଳି ପ୍ରମୁଖ ବିଶ୍ୱସ୍ତରୀୟ କମ୍ପାନିଗୁଡ଼ିକର ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଛନ୍ତି।

କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ବ୍ୟତୀତ, ଏକ ଅଗ୍ରଣୀ ସେମିକଣ୍ଡକ୍ଟର ହବ୍ ଭାବେ ଉଭା ହେବା ପାଇଁ ଆବଶ୍ୟକ ହେଉଥିବା ବ୍ୟାପକ ଇକୋସିଷ୍ଟମ୍ ଗଠନ ନିମନ୍ତେ ଓଡ଼ିଶା କ୍ରମାଗତ ଭାବେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। ରାଜ୍ୟ ସରକାର ସେମିକଣ୍ଡକ୍ଟର ନୀତିକୁ ବିକଶିତ ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ୨.୦ ସହିତ ସମନ୍ୱୟ ରକ୍ଷା କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ଏହାର ସେମିକଣ୍ଡକ୍ଟର ନୀତିର ସଦ୍ୟତମ ତୃତୀୟ ସଂଶୋଧନ ମାଧ୍ୟମରେ ସେମିକଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠା ପାଇଁ ସହାୟତାକୁ ଆହୁରି ବ୍ୟାପକ କରାଯାଇଛି। ଏହି ସଂଶୋଧନ ଜରିଆରେ, ଓଡ଼ିଶା ପକ୍ଷରୁ ସେମିକଣ୍ଡକ୍ଟର ଉପକରଣ ତିଆରି, ସେମିକଣ୍ଡକ୍ଟର-ଗ୍ରେଡ୍ ଗ୍ୟାସ୍, କଞ୍ଚାମାଲ ଏବଂ ଯୋଗାଣ ଶୃଙ୍ଖଳା ବିଭାଗରେ ଓଝଗ-ଅନୁମୋଦିତ ପ୍ରକଳ୍ପଗୁଡ଼ିକୁ ୨୫% ଅତିରିକ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ବର୍ତ୍ତମାନର ନୀତିଗତ ବ୍ୟବସ୍ଥା ଅଧୀନରେ ୱାର୍କଫୋର୍ସର ଦକ୍ଷତା ବୃଦ୍ଧି, ଇଣ୍ଟର୍ନସିପ୍, ଅନ୍ତର୍ଜାତୀୟ ପେଟେଣ୍ଟ୍ ଏବଂ ଗବେଷଣା ତଥା ବିକାଶ ପାଇଁ ମଧ୍ୟ ସହାୟତା ଯୋଗାଇ ଦିଆଯାଉଛି। ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହି ପ୍ରସଙ୍ଗରେ ମତ ପ୍ରକାଶ କରି କହିଛନ୍ତି ଯେ, ଓଡ଼ିଶା ଏହାର ନୀତିଗତ ଢାଞ୍ଚାକୁ ଆଇଏସ୍ଏମ୍ ୨.୦ ସହିତ ସମନ୍ୱୟ କରିବାରେ ଜଣେ ଅଗ୍ରଣୀ ରାଜ୍ୟ ହୋଇଥିବାବେଳେ ଉପକରଣ, ସାମଗ୍ରୀ, ଗ୍ୟାସ୍ ଏବଂ ଯୋଗାଣ ଶୃଙ୍ଖଳା ଭଳି କ୍ଷେତ୍ରଗୁଡ଼ିକୁ ମଧ୍ୟ ବ୍ୟାପକ ସହାୟତା ଯୋଗାଉଛି। ଏହା ସହିତ, ଆମେ ବିଶେଷଜ୍ଞ ପ୍ରତିଭା (ଟ୍ୟାଲେଣ୍ଟ) ନିର୍ମାଣ ଏବଂ କମ୍ପାନିଗୁଡ଼ିକୁ ରାଜ୍ୟରେ ସେମାନଙ୍କର କାର୍ଯ୍ୟ ଆରମ୍ଭ କରିବା ଓ ସେଗୁଡ଼ିକୁ ଆହୁରି ବଢ଼ାଇବା ପାଇଁ ଆବଶ୍ୟକ ସମସ୍ତ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବାରେ ନିବେଶ କରୁଛୁ। 'ସେମିକନ୍ ଇଣ୍ଡିଆ ୨୦୨୬' ରେ ଓଡ଼ିଶା ଏକ ଅଗ୍ରଣୀ ସେମିକଣ୍ଡକ୍ଟର ହବ୍ ଭାବେ ନିଜକୁ ପ୍ରତିଷ୍ଠା କରୁଛି, ଯାହା ଏକ 'ବିକଶିତ ଭାରତ ପାଇଁ ସମୃଦ୍ଧ ଓଡ଼ିଶା' ଗଠନ ଦିଗରେ ଏକ ନୂତନ ଅଧ୍ୟାୟ ଯୋଡ଼ିଛି।

## ଓସ୍କାର ପାଇଁ 'ଗୋନ୍ଧଲ' ମନୋନୀତ




ନୂଆଦିଲ୍ଲୀ: ମରାଠୀ ଚଳଚ୍ଚିତ୍ର 'ଗୋନ୍ଧଲ'କୁ ଓସ୍କାର ୨୦୨୭ ପାଇଁ ଭାରତର ଆଧିକାରିକ ମନୋନୟନ ଭାବେ ଚୟନ କରାଯାଇଛି। ଶୁକ୍ରବାର 'ଫିଲ୍ମ ଫେଡେରେସନ୍ ଅଫ୍ ଇଣ୍ଡିଆ' ପକ୍ଷରୁ ଏହି ଘୋଷଣା କରାଯାଇଛି। ସନ୍ତୋଷ ଦାବଖରଙ୍କ ଦ୍ୱାରା ଲିଖିତ ଓ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର କାହାଣୀ ଗ୍ରାମୀଣ ମହାରାଷ୍ଟ୍ରର ପୃଷ୍ଠଭୂମିରେ ଗତିଶୀଳ। ଏକ ନବଦମ୍ପତିଙ୍କୁ କେନ୍ଦ୍ର କରି ଗୋଟିଏ ରାତିରେ ଅନୁଷ୍ଠିତ ହେଉଥିବା ପାରମ୍ପରିକ ପୂଜାବିଧି ('ଗୋନ୍ଧଲ' ଅନୁଷ୍ଠାନ) ଉପରେ ଚଳଚ୍ଚିତ୍ରଟି ଆଧାରିତ। ୯୯ତମ ଏକାଡେମୀ ଆୱାର୍ଡସର 'ଶ୍ରେଷ୍ଠ ଅନ୍ତର୍ଜାତୀୟ ଫିଚର ଫିଲ୍ମ' ବିଭାଗ ପାଇଁ ୩୩ଟି ସିନେମା ମଧ୍ୟରୁ ଏହାକୁ ବଛାଯାଇଛି ବୋଲି ଚୟନ କମିଟିର ଅଧ୍ୟକ୍ଷ ପି. ଶେଷାଦ୍ରି ପ୍ରକାଶ କରିଛନ୍ତି।

ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଶେଷାଦ୍ରି କହିଛନ୍ତି, 'ଏହି ବର୍ଷ ପ୍ରତିଯୋଗିତାରେ ୪ଟି ମରାଠୀ, ୧୪ଟି ହିନ୍ଦୀ ଏବଂ ଅନ୍ୟାନ୍ୟ ଭାଷାର ସିନେମା ସାମିଲ ଥିଲା। ସବୁ ଚଳଚ୍ଚିତ୍ର ଉଚ୍ଚକୋଟୀର ଥିଲା। ଭାରତୀୟ ସିନେମା ତଥା ମରାଠୀ ସିନେମା ଜଗତ ପାଇଁ ଏହା ଏକ ଗୌରବର ମୁହୂର୍ତ୍ତ। ଏଥର 'ଗୋନ୍ଧଲ'କୁ ଆଧିକାରିକ ମନୋନୟନ ଭାବେ ବଛାଯାଇଛି।' ସେ ଆହୁରି ମଧ୍ୟ କହିଛନ୍ତି, 'ଗତ ୧୦ ଦିନ ମଧ୍ୟରେ ଆମେ ବିଭିନ୍ନ ଭାଷାର ୩୩ଟି ଚଳଚ୍ଚିତ୍ର ଦେଖିଛୁ। ଅନେକ ଭଲ ସିନେମାକୁ ନେଇ ଆଲୋଚନା ହୋଇଥିଲା। 'ଗୋନ୍ଧଲ' ବ୍ୟତୀତ 'ଅଙ୍ଘ' ଏବଂ 'ଇକ୍କିସ୍' ଶ୍ରେଷ୍ଠ ୩ଟି ଚଳଚ୍ଚିତ୍ର ତାଲିକାରେ ଥିଲେ।'

# ବଦଳିଲା ୱାର୍ଡ ପୁନର୍ଗଠନ ଓ ସଂରକ୍ଷଣ ତାରିଖ

ଭୁବନେଶ୍ୱର: ରାଜ୍ୟର ପୌରପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ(ଏମଏସି) ଏବଂ ମହାନଗର ନିଗମଗୁଡ଼ିକର ଆଗାମୀ ସାଧାରଣ ନିର୍ବାଚନ ପାଇଁ ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ପ୍ରକ୍ରିୟା ସମ୍ପନ୍ନ କରିବା ନିମନ୍ତେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସଂଶୋଧିତ କାର୍ଯ୍ୟସୂଚୀ ଜାରି କରାଯାଇଛି। ପୂର୍ବରୁ ବିଭାଗ ପକ୍ଷରୁ ଜାରି ହୋଇଥିବା କାର୍ଯ୍ୟସୂଚୀର ଆଂଶିକ ସଂଶୋଧନ କରାଯାଇ ଏହି ସଂଶୋଧିତ କାର୍ଯ୍ୟସୂଚୀ ସମ୍ପର୍କରେ ବୌଦ୍ଧ ଜିଲ୍ଲାକୁ ବାଦ ଦେଇ ସମସ୍ତ ସମ୍ପୃକ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି। ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ୨୪ ସେପ୍ଟେମ୍ବର ୨୦୨୬ରେ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କ ଦ୍ୱାରା ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ସମ୍ବନ୍ଧୀୟ ଖସଡ଼ା ବିଜ୍ଞପ୍ତି ପ୍ରକାଶ କରାଯାଇ ସାଧାରଣ ଜନତାଙ୍କଠାରୁ ଆପତ୍ତି ଓ ପରାମର୍ଶ ଆହ୍ୱାନ କରାଯିବ। ଆପତ୍ତି ଓ ପରାମର୍ଶ ଦାଖଲ କରିବାର ଶେଷ ତାରିଖ ୩ ଅକ୍ଟୋବର ୨୦୨୬ ରହିଛି। ଏହାପରେ, ୭ ଅକ୍ଟୋବର ୨୦୨୬ରେ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କ ଦ୍ୱାରା ୱାର୍ଡ ସୀମା ଓ ଆସନ ସଂରକ୍ଷଣ ସମ୍ବନ୍ଧୀୟ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ କରାଯିବ। ଏହି ବିଜ୍ଞପ୍ତି ବିରୋଧରେ ୭ ଅକ୍ଟୋବରରୁ ୨୧ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଗୃହ ଓ ନଗର ଉନ୍ନୟନ ବିଭାଗ ନିକଟରେ ଆପିଲ୍ ଦାଖଲ କରାଯାଇପାରିବ। ପ୍ରାପ୍ତ ଆପିଲ୍‌ଗୁଡ଼ିକୁ ସମ୍ପୃକ୍ତ ଜିଲ୍ଲାପାଳମାନେ ନିଜର ସୁପାରିଶ/ମତାମତ ସହ ୨୨ ଅକ୍ଟୋବର ୨୦୨୬ ସୁଦ୍ଧା ସ୍ୱତନ୍ତ୍ର ଦୂତ ମାଧ୍ୟମରେ ନିର୍ଦ୍ଦେଶକ, ପୌର ପ୍ରଶାସନଙ୍କ କାର୍ଯ୍ୟାଳୟରେ ପହଞ୍ଚାଇବେ। ପରବର୍ତ୍ତୀ ପର୍ଯ୍ୟାୟରେ ୨୬ ରୁ ୨୮ ଅକ୍ଟୋବର ୨୦୨୬ ମଧ୍ୟରେ ରାଜ୍ୟ ସରକାର, ଅପିଲେଟ୍ କର୍ତ୍ତୃପକ୍ଷ ଭାବେ, ଆପିଲ୍‌ଗୁଡ଼ିକର ଶୁଣାଣି କରି ଚୂଡ଼ାନ୍ତ ନିଷ୍ପତ୍ତି ନେବେ।ସମଗ୍ର ପ୍ରକ୍ରିୟାର ଶେଷ ପର୍ଯ୍ୟାୟରେ ୩୧ ଅକ୍ଟୋବର ୨୦୨୬ରେ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କ ଦ୍ୱାରା ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ସମ୍ବନ୍ଧୀୟ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ କରାଯିବ। ଚୂଡ଼ାନ୍ତ ବିଜ୍ଞପ୍ତିର ଆବଶ୍ୟକ ସଂଖ୍ୟକ ନକଲ ରାଜ୍ୟ ନିର୍ବାଚନ ଆୟୋଗ, ରାଜ୍ୟ ସରକାର ଏବଂ ସମ୍ପୃକ୍ତ ପୌରପରିଷଦ/ଏନ୍.ଏ.ସି.କୁ ପ୍ରଦାନ କରାଯିବ। ଅନ୍ୟପକ୍ଷରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ରାଉରକେଲା ମହାନଗର ନିଗମରେ ୱାର୍ଡ ବିଭାଜନ ଓ ଆସନ ସଂରକ୍ଷଣ ସମ୍ପର୍କିତ ପ୍ରକ୍ରିୟା ପାଇଁ ମଧ୍ୟ ସଂଶୋଧିତ ସମୟସୀମା ଧାର୍ଯ୍ୟ କରାଯାଇଛି। ୨୪ ସେପ୍ଟେମ୍ବର ୨୦୨୬ ସୁଦ୍ଧା ସମ୍ପୃକ୍ତ ମହାନଗର ନିଗମଗୁଡ଼ିକ ପକ୍ଷରୁ ୱାର୍ଡ ବିଭାଜନ ଓ ଆସନ ସଂରକ୍ଷଣ ସମ୍ବନ୍ଧୀୟ ସୂଚନା ନିର୍ଦ୍ଧାରିତ ଫର୍ମ-୧ ଓ ଫର୍ମ-୨ରେ, ୱାର୍ଡ ସୀମା ଦର୍ଶାଉଥିବା ସ୍କେଚ୍ ମାନଚିତ୍ର ଏବଂ ମହାନଗର ନିଗମର ସଂକଳ୍ପ ସହିତ ଗୃହ ଓ ନଗର ଉନ୍ନୟନ ବିଭାଗରେ ଦାଖଲ କରାଯିବ। ମହାନଗର ନିଗମଗୁଡ଼ିକ କ୍ଷେତ୍ରରେ ୫ ଅକ୍ଟୋବର ୨୦୨୬ରେ ସରକାରଙ୍କ ପକ୍ଷରୁ ପ୍ରସ୍ତାବିତ ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ସମ୍ପର୍କରେ ଚିଠା ବିଜ୍ଞପ୍ତି ପ୍ରକାଶ କରାଯାଇ ଆପତ୍ତି ଓ ପ୍ରସ୍ତାବ ଆହ୍ୱାନ କରାଯିବ। ଏ ସମ୍ବନ୍ଧରେ ଆପତ୍ତି ଓ ପ୍ରସ୍ତାବ ଦାଖଲ କରିବାର ଶେଷ ତାରିଖ ୧୪ ଅକ୍ଟୋବର ୨୦୨୬ ରହିଛି। ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ମହାନଗର ନିଗମର ମହାନଗର ନିଗମ କମିଶନରମାନଙ୍କୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ସମସ୍ତ ଆବଶ୍ୟକ ସୂଚନା ଓ ଦଲିଲ ଦାଖଲ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ତେଜସ୍ୱିନୀ

ବିଶେଷ ଦୃଷ୍ଟି ଆକର୍ଷଣ

- ନୌବାଣିଜ୍ୟର ସ୍ମାରକୀ
- ସର୍ବୋତ୍ତମ କ୍ୟାରିଅର୍
- କେଶ ରୋପଣ
- ସାବୁନ

# ବିକାଶ ବେଦିରେ ଆଦିବାସୀ ଅସ୍ତିତ୍ୱ

ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ପରେ ବି ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଆଦିବାସୀ ସମାଜର ମୌଳିକ ଅଧିକାର ଓ ସେମାନଙ୍କ ଅସ୍ତିତ୍ୱକୁ ନେଇ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓଡ଼ିଶାର ବିଭିନ୍ନ ପ୍ରାକୃତିକ ସମ୍ପଦରେ ଭରପୂର ଅଞ୍ଚଳଗୁଡ଼ିକରେ ନିଜର ଆଦିମ ଅସ୍ତିତ୍ୱ, ମାଟି, ପାଣି, ଜଙ୍ଗଲ, ଝରଣା ଓ ପାହାଡ଼ ରକ୍ଷା ପାଇଁ ସଂଗ୍ରାମ କରୁଥିବା ଭୂମିପୁତ୍ରମାନେ ଆଜି ନିଜ ଭିଟାମାଟିରେ ବିପନ୍ନ ଓ ଅସହାୟ ହୋଇପଡ଼ିଛନ୍ତି। ବିକାଶର ରଙ୍ଗୀନ୍ ନାରା ଭିତରେ ବହୁରାଷ୍ଟ୍ରୀୟ ଶିଳ୍ପସଂସ୍ଥା ଓ କମ୍ପାନୀଗୁଡ଼ିକର ସ୍ୱାର୍ଥ ସାଧନ ପାଇଁ ସରକାରୀ ଓ ପ୍ରଶାସନିକ କଳକୁ ବ୍ୟବହାର କରାଯାଇ ଆଦିବାସୀଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ପୁଲିସୀ ବଳ ଏବଂ ଆଇନଗତ କଟକଣା ମାଧ୍ୟମରେ ଦମନ କରିବାକୁ ବ୍ୟାପକ ପ୍ରୟାସ ଚାଲିଥିବା ନଜରକୁ ଆସୁଛି।

ସେପ୍ଟେମ୍ବର ୧୦ ତାରିଖରେ ନିୟମଗିରି ସୁରକ୍ଷା ସମିତିର ଅଗ୍ରଣୀ ନେତା ଲଦ ସିକୋକା ଦୁଇଟି ପୁରୁଣା ମାମଲାରେ ଲାଞ୍ଜିଗଡ଼ କୋର୍ଟରୁ ଜାମିନ ପାଇ ଘରକୁ ଫେରୁଥିବା ସମୟରେ, ସଶସ୍ତ୍ର ପୁଲିସ ତାଙ୍କୁ ପୁନର୍ବାର ଆଉ ଏକ ପୁରୁଣା କେସ୍ ଆଳୁଆଳରେ ଗିରଫ କରି ଜେଲ ପଠାଇ ଦେଇଛି। ଜାମିନ ମିଳିବା ମାତ୍ରକେ ହଠାତ୍ ଅନ୍ୟ ଏକ ମାମଲା ସାମ୍ନାକୁ ଆଣି ଗିରଫ କରିବାର ଏହି ଶୈଳୀ ପ୍ରଶାସନର ପ୍ରଯୋଜିତ ଓ ପୂର୍ବନିର୍ଦ୍ଧାରିତ ମନୋଭାବକୁ ସ୍ପଷ୍ଟ କରୁଛି। ଲଦ ସିକୋକାଙ୍କ ନାମରେ ଦେଶଦ୍ରୋହ ଓ ଦେଶ ବିରୋଧରେ ଯୁଦ୍ଧ ଘୋଷଣା ଭଳି ୧୧ଟି ଗୁରୁତର ଅଭିଯୋଗ ଲଗାଯାଇଛି। ନିଜ ଗାଁ, ଜଙ୍ଗଲ, ପରିବେଶ ଓ ପାହାଡ଼କୁ କମ୍ପାନୀ କବଳରୁ ରକ୍ଷା କରିବା ପାଇଁ ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ଭାବେ ସଂଗ୍ରାମ କରୁଥିବା ଜଣେ ସାଧାରଣ ଆଦିବାସୀକୁ ଦେଶଦ୍ରୋହୀ ଆଖ୍ୟା ଦେଇ ବାରମ୍ବାର ଜେଲ୍‌ରେ ବାନ୍ଧି ରଖିବା ଗଣତନ୍ତ୍ର ପାଇଁ ଏକ ଶୋଚନୀୟ ଚିତ୍ର। ଏହାପୂର୍ବରୁ ଗତ ମାର୍ଚ୍ଚ ମାସରେ ଲାଞ୍ଜିଗଡ଼ ଜେ.ଏଫ୍.ଏମ୍.ସି. ତାଙ୍କୁ ପଳାତକ ଘୋଷଣା କରି ସମ୍ପତ୍ତି ଜବତ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଉଚ୍ଚ ନ୍ୟାୟାଳୟ ଏହି ଆଦେଶକୁ ଖାରଜ କରିଦେଇଥିଲେ।

କେବଳ ନିୟମଗିରି ନୁହେଁ, ସିଜିମାଳି ସୁରକ୍ଷା ଲଢ଼େଇର କେନ୍ଦ୍ରବିନ୍ଦୁ କାଶୀପୁରର କଣ୍ଟାମାଳ ଓ ଥୁଆମୂଳ ରାମପୁରର ତଳଆମପଦର ଗାଁରେ ସେପ୍ଟେମ୍ବର ୧୦ରେ ସଶସ୍ତ୍ର ପୁଲିସ ବାହିନୀ ମୁତୟନ କରାଯାଇ ସ୍ଥାନୀୟ ଶାନ୍ତ ପରିବେଶରେ ଭୟର ବାତାବରଣ ସୃଷ୍ଟି କରାଯାଇଛି। ଗାଁ ଭିତରେ ବଳପୂର୍ବକ ପୁଲିସ ପ୍ରବେଶ କରି ଆନ୍ଦୋଳନକାରୀଙ୍କୁ ଗିରଫ କରିବା ଏବଂ ଗୋଟିଏ ମାମଲାରେ ଜାମିନ ମିଳିଲେ ଅନ୍ୟ ମାମଲା ଗୁନ୍ଥି ଜେଲ୍‌ରେ ରଖିବା ଦ୍ୱାରା ଖଣି କାର୍ଯ୍ୟ ସୁରୁଖୁରୁରେ ଚାଲିପାରିବ ବୋଲି ପ୍ରଶାସନ ଲକ୍ଷ୍ୟ ରଖିଛି। ଆଦିବାସୀଙ୍କ ଜମି ଓ ପାହାଡ଼କୁ ବହୁରାଷ୍ଟ୍ରୀୟ ସଂସ୍ଥାଙ୍କୁ ହସ୍ତାନ୍ତର କରିବା ପାଇଁ ଜଙ୍ଗଲ ଅଧିକାର ଆଇନରେ ଥିବା ଗ୍ରାମସଭାର ସାମ୍ବିଧାନିକ ଅଧିକାରକୁ ମଧ୍ୟ ସରକାରୀ ସ୍ତରରେ କୋହଳ କରାଯାଉଛି। ସ୍ଥାନୀୟ ରାଜନୈତିକ ନେତା ଓ ଅସାଧୁ ଲୋକଙ୍କୁ ବ୍ୟବହାର କରି ଆନ୍ଦୋଳନକୁ ଦୁର୍ବଳ କରିବାକୁ ବିଭିନ୍ନ ଚକ୍ରାନ୍ତ କରାଯାଉଥିଲେ ସୁଦ୍ଧା ଆଦିବାସୀମାନେ ଦମନମୂଳକ ନୀତିକୁ ଡରି ନ ଯାଇ ଅହିଂସା ଓ ଗଣତାନ୍ତ୍ରିକ ଉପାୟରେ ନିଜର ଦାବି ଜାରି ରଖିଛନ୍ତି।

ଓଡ଼ିଶାର ବାସଙ୍ଗମାଳି, ସିଜିମାଳି, କୁଟ୍ରୁମାଳି ଓ ନିୟମଗିରି ଭଳି ପ୍ରାକୃତିକ ସମ୍ପଦରେ ଭରପୂର ଅଞ୍ଚଳଗୁଡ଼ିକ ଉପରେ ଶିଳ୍ପପତିଙ୍କ ଲୋଭିଲା ନଜର ରହିଛି। ପାହାଡ଼ ଖୋଳି ବକ୍ସାଇଟ୍ ଓ ଲୁହାପଥର ଉତ୍ତୋଳନ କରିବା ପାଇଁ ସମଗ୍ର ପ୍ରଶାସନିକ ଯନ୍ତ୍ରପାତିକୁ ବ୍ୟବହାର କରାଯାଉଥିବା ବେଳେ, ଏହି ପ୍ରାକୃତିକ ସମ୍ପଦ ହିଁ ଆଦିବାସୀଙ୍କ ପାଇଁ ଜୀବନ, ଜୀବିକା, ଖାଦ୍ୟ ଓ ସଂସ୍କୃତିର ମୁଖ୍ୟ ଆଧାର। ବଡ଼ ବଡ଼ ସଭାମଞ୍ଚରେ ଆଦିବାସୀ କଲ୍ୟାଣ ଓ ସେମାନଙ୍କ ବିକାଶର ବଡ଼ ବଡ଼ ଡିଣ୍ଡିମ ପିଟୁଥିବା ଶାସକମାନେ ବାସ୍ତବରେ ଆଦିବାସୀଙ୍କ ଜୀବନଜୀବିକାକୁ ବଳି ପକାଇ କମ୍ପାନୀପ୍ରୀତି ଦେଖାଇବା ଅତ୍ୟନ୍ତ ଚିନ୍ତାଜନକ। ଜଳ, ଜମି, ଜଙ୍ଗଲର ସୁରକ୍ଷା କରୁଥିବା ନିରୀହ ପ୍ରଜାଙ୍କୁ ଦେଶଦ୍ରୋହୀ ସଜାଇ ଜେଲ୍ ଭିତରେ ରଖି କେବଳ ଖଣି ଖୋଳିବା ଯଦି ବିକାଶର ପରିଭାଷା ହୁଏ, ତେବେ ଏହି ବିକାଶ କାହା ପାଇଁ ? ଜନସାଧାରଣଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରି ଏବଂ ସେମାନଙ୍କୁ ନିଜ ମାଟିରୁ ବେଦଖଲ କରି କରାଯାଉଥିବା ବିକାଶ କେବେହେଲେ ଗ୍ରହଣଯୋଗ୍ୟ ହୋଇନପାରେ। ସରକାର ଓ ପ୍ରଶାସନ ପୁଲିସ ବଳ ପ୍ରୟୋଗ ନୀତି ପରିହାର କରି ଆଦିବାସୀଙ୍କ ସମସ୍ୟାର ସମ୍ବେଦନଶୀଳ ସମାଧାନ ପାଇଁ ବାସ୍ତବ ପଦକ୍ଷେପ ନେବା ଜରୁରୀ।

ଆଦିବାସୀମାନେ କେବଳ ଜଙ୍ଗଲ ଓ ପାହାଡ଼ର ସୁରକ୍ଷାକର୍ତ୍ତା ନୁହଁନ୍ତି, ସେମାନେ ଆମ ପ୍ରାକୃତିକ ପରିବେଶ ଓ ସଂସ୍କୃତିର ମୂଳ ଆଧାର। ସେମାନଙ୍କର ଗଣତାନ୍ତ୍ରିକ ପ୍ରତିବାଦକୁ ଅପରାଧିକ ମାମଲାରେ ପରିଣତ କରିବା ଗଣତନ୍ତ୍ରର ସୁସ୍ଥ ପରମ୍ପରା ପ୍ରତି ଏକ ବଡ଼ ଆହ୍ୱାନ। ଶିଳ୍ପାୟନ ନାମରେ ସେମାନଙ୍କ ଆଦିମ ଆବାସସ୍ଥଳୀକୁ ଛଡ଼ାଇ ନେବା ଦ୍ୱାରା ଜୈବବିବିଧତା ସମ୍ପୂର୍ଣ୍ଣ ନଷ୍ଟ ହେବାର ଆଶଙ୍କା ରହିଛି। ପ୍ରଶାସନ ଓ ଶାସକ ବର୍ଗ ଶୋଷଣମୂଳକ ନୀତି ଛାଡ଼ି ଆଦିବାସୀଙ୍କ ମୌଳିକ ସାମ୍ବିଧାନିକ ଅଧିକାରକୁ ସମ୍ମାନ ଦେବା ଆବଶ୍ୟକ। ଗ୍ରାମସଭାର ସ୍ୱୀକୃତି ବିନା କୌଣସି ପ୍ରକଳ୍ପ ଜବରଦସ୍ତି ଲଦିଦେବା ଆଇନଗତ ଓ ନୈତିକ ଦୃଷ୍ଟିକୋଣରୁ ସମ୍ପୂର୍ଣ୍ଣ ଅନୁଚିତ। ଜେଲ୍?ର ଭୟ ଦେଖାଇ ଲୋକଙ୍କ ଆବାଜକୁ ଦବେଇ ଦେବା ବଦଳରେ ସେମାନଙ୍କ ସହ ସହାନୁଭୂତିପୂର୍ଣ୍ଣ ଆଲୋଚନା ହେବା ଦରକାର।

# ସାବରମତୀର ମହାମାନବ

ଯେତେବେଳେ ନିଜର ଚିରାଚରିତ ପଥ ପରିତ୍ୟାଗ କରି ଇତିହାସ ନବୀନ ମାର୍ଗ ଅନ୍ୱେଷଣ କରେ, ସେ କେବେ ମଣିମୁକ୍ତା ମଣ୍ଡିତ ରାଜଦରବାରର ନାୟକ ଖୋଜେ ନାହିଁ। କେବେ କେବେ ଧୂମ୍ର ଓ କୁହୁଡି ଆଚ୍ଛନ୍ନ ଏକ ନିର୍ଜନ ରେଳ ଷ୍ଟେସନର ପ୍ଲାଟଫର୍ମରେ ସେ ଜଣେ ସାଧାରଣ ମନୁଷ୍ୟ ଭିତରେ ଅସାଧାରଣର ବୀଜ ବପନ କରେ। ସେମିତି ଏକ ହାଡ଼ ଭେଦୀ ଶୀତ ରାତି ଥିଲା। ୧୮୯୩ ମସିହା ଜୁନ୍ ମାସର ସେହି ରାତି, ଦକ୍ଷିଣ ଆଫ୍ରିକାର ପିଟରମାରିଜବର୍ଗ ରେଳ ଷ୍ଟେସନରେ। ଲଣ୍ଠନର କମ୍ପିତ ପୀତାଭ ଆଲୋକ ଓ ଇଞ୍ଜିନର କଳା ଧୂଆଁ ମିଶ୍ରିତ କୁହୁଡି ଭିତରେ ପ୍ରଥମ ଶ୍ରେଣୀ କକ୍ଷରେ ବସିଥିଲେ ସୁଟ୍ ପରିହିତ, ପଗଡିଧାରୀ ଜଣେ ତରୁଣ ଭାରତୀୟ ବାରିଷ୍ଟର। ହାତରେ ବୈଧ ଟିକଟ, ମସ୍ତିଷ୍କରେ ବ୍ରିଟିଶ ଆଇନର ଗଭୀର ଜ୍ଞାନ, କିନ୍ତୁ ତାଙ୍କ ଚର୍ମର ରଙ୍ଗ ହିଁ ସେଠାରେ ତାଙ୍କ ଅଯୋଗ୍ୟତାର ପ୍ରମାଣପତ୍ର ହୋଇଥିଲା। ଜଣେ ଶ୍ୱେତାଙ୍ଗ ଅଧିକାରୀ କହିଲେ - ଏଠି କୁଲିମାନେ ବସିପାରିବେ ନାହିଁ, ତଳକୁ ଓହ୍ଲାଅ। ବିନମ୍ର ପ୍ରତିବାଦର ଉତ୍ତରରେ ମିଳିଲା ଏକ ଶକ୍ତ ଧକ୍କା, ଯାହା ତାଙ୍କୁ ତାଙ୍କର ସୁଟକେସ୍ ସହିତ ପ୍ଲାଟଫର୍ମର ଶୀତଳ ଚଟାଣ ଉପରେ ଫିଙ୍ଗି ଦେଲା। ଟ୍ରେନ୍ ହୁଇସିଲ ଦେଇ ଅନ୍ଧାରରେ ଲୀନ ହେଲା। ବ୍ୟଥିତ ହୁଇସିଲ୍ ଟିଏ ମାରି ଅନ୍ଧକାର ଗର୍ଭରେ ମିଳାଇ ଗଲା ଓ ସେହି ଶୂନ୍ୟ ପ୍ଲାଟଫର୍ମରେ ଏକା ରହିଗଲେ ମୋହନଦାସ କରମଚାନ୍ଦ ଗାନ୍ଧୀ।

ସେହି ନିଃସଙ୍ଗ ଶୀତ ରାତିରେ ହିଁ ଜନ୍ମ ନେଲା ଏକ ଅମୋଘ ସଙ୍କଳ୍ପ, ଅପମାନର ଉତ୍ତର ପ୍ରତିଶୋଧ ନୁହେଁ, ଅନ୍ୟାୟର ଉତ୍ତର ପ୍ରତି-ଅନ୍ୟାୟ ନୁହେଁ, ବରଂ ଆତ୍ମାର ଏପରି ଅଦମ୍ୟ ଦୃଢତା ଆତ୍ମାର ଏପରି ଅଦମ୍ୟ ଜିଦ୍ ଯାହା ଅତ୍ୟାଚାରୀର ବନ୍ଧୁକ ନଳୀକୁ ମଧ୍ୟ ଅବନତ କରାଇପାରେ। ସେହି ରାତ୍ରିର ଗର୍ଭରୁ ଜନ୍ମ ନେଲା ଏକ ନୂତନ ଶବ୍ଦ - ‘ସତ୍ୟାଗ୍ରହ’, ଯାହା ସେ ପର୍ଯ୍ୟନ୍ତ କୌଣସି ଅଭିଧାନରେ ନଥିଲା, କିନ୍ତୁ ଆଜି ବିଶ୍ୱର ପ୍ରତ୍ୟେକ ନିର୍ଯାତିତ ମଣିଷର ମୁକ୍ତି ମନ୍ତ୍ର ପାଲଟିଛି। ଏହି ସତ୍ୟାଗ୍ରହ କେବଳ ନିଷ୍କ୍ରିୟ ପ୍ରତିରୋଧର ଶୁଷ୍କ ତତ୍ତ୍ୱ ନଥିଲା, ଏହା ଥିଲା ଏକ ସକ୍ରିୟ, ଜ୍ୱଳନ୍ତ ବିଦ୍ରୋହର ଉତ୍ତପ୍ତ ଶିଖା। ଏହାର ମର୍ମରେ ଥିଲା ଏକ ଅମୋଘ ଘୋଷଣା-ଦେହକୁ ଶୃଙ୍ଖଳିତ କରିହେବ ସତ, ମାତ୍ର ସତ୍ୟକୁ କାରାଗାରରେ ବନ୍ଦୀ କରି ହେବ ନାହିଁ। ଯେତେବେଳେ ଟ୍ରାନ୍ସଭାଲର ଶାସକ କଳା ଆଇନ ଜାରି କରି ପ୍ରତି ଭାରତୀୟଙ୍କ ଆଙ୍ଗୁଠି ଛାପ ବାଧ୍ୟତାମୂଳକ କଲେ, ସେତେବେଳେ ଗାନ୍ଧୀ ତା ବିରୁଦ୍ଧରେ ବଜ୍ର ପରି ଛିଡ଼ା ହେଲେ। ଫଳସ୍ୱରୂପ ସହସ୍ର ସହସ୍ର ପ୍ରବାସୀ ଭାରତୀୟ ତାଙ୍କ ପଛରେ ଏକ ଦୁର୍ଭେଦ୍ୟ ପ୍ରାଚୀର ସାଜି ଛିଡ଼ା ହେଲେ। ଫିନିକ୍ସ ଏବଂ ଟଲଷ୍ଟୟ ଫାର୍ମର ଗଭୀର ନିସ୍ତବ୍ଧତା ଭିତରେ ସେ ନିଜକୁ ହିଁ ଏକ ଜୀବନ୍ତ ପରୀକ୍ଷାଗାରରେ ପରିଣତ କଲେ। ନିଜ ହସ୍ତରେ ଅନ୍ନ ରାନ୍ଧିଲେ, ନିଜ ହାତରେ ମଳମୂତ୍ର ସଫା କଲେ, କୁଷ୍ଠ ରୋଗୀର ପୂଜଭରା କ୍ଷତକୁ ନିଜ ହାତରେ ଧୋଇ ତାକୁ ପୁଣି ମଣିଷ ବୋଲି ସ୍ୱୀକୃତି ଦେଲେ। ତାଙ୍କର ଦୃଢ଼ ବିଶ୍ୱାସ ଥିଲା-ଯେ ପର୍ଯ୍ୟନ୍ତ ମୁଁ ଏହି ତୁଚ୍ଛ କର୍ମକୁ ଘୃଣା କରୁଛି, ସେ ପର୍ଯ୍ୟନ୍ତ ବିଶାଳ ମାନ୍ୱତାର ମୁକ୍ତି ବିଷୟରେ କହିବାର ନୈତିକ ଅଧିକାର ମୋର ନାହିଁ।

ଯେଉଁଦିନ ସାହେବୀ କୋଟ୍-ପାଟଲୁନ୍ ପରିତ୍ୟାଗ କରି ଆଣ୍ଠୁ ମଧ୍ୟ ଲୁଚୁ ନଥିବା ଏକ ଖଦୀର ଧୋତି ପରିଧାନ କରି, ହାତରେ ବାଉଁଶ ଲାଠିଟିଏ ଧରି ସେ ଭାରତକୁ ଫେରିଲେ, ତାଙ୍କୁ ଦେଖି ଅନେକେ ହତାଶରେ ମୁହଁ ମୋଡି ନେଲେ। କିନ୍ତୁ ଗୋପାଳ କୃଷ୍ଣ ଗୋଖଲେ ତାଙ୍କ ଭିତରେ ଲୁକ୍କାୟିତ ଦାବାନଳକୁ ଚିହ୍ନି ପାରିଲେ। ସେ ପରାମର୍ଶ ଦେଲେ - ବର୍ଷେ ଯାଏ ତୁମେ ନୀରବ ରୁହ, କିଛି କୁହ ନାହିଁ, କେବଳ ଏ ବିଶାଳ ଦେଶକୁ ଅନିମେଷ ନେତ୍ରରେ ଦେଖ। ଗୁରୁଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ସେ ତୃତୀୟ ଶ୍ରେଣୀ ରେଳ ଡବାର କାଠ ବେଞ୍ଚରେ ବସି କନ୍ୟାକୁମାରୀରୁ କାଶ୍ମୀର ପର୍ଯ୍ୟନ୍ତ ସାରା ଭାରତ ପରିକ୍ରମା କଲେ। ସେ ଯାତ୍ରା କେବଳ ଭୌଗୋଳିକ ଯାତ୍ରା ନଥିଲା, ଥିଲା ଆତ୍ମାର ଯାତ୍ରା। ସେ ଚାଷୀର ଘୋଳା ଆଖିରେ ଯୁଗ ଯୁଗର ଭୟକୁ ଦେଖିଲେ, ଅସହାୟ ଜନନୀର ଲିଭି ଯାଇଥିବା ଚୁଲିରେ କ୍ଷୁଧାର ନଗ୍ନ ଚିତ୍ର ଦେଖିଲେ ଏବଂ ହୃଦୟଙ୍ଗମ କଲେ ଯେ ଏ ଦେଶର ମୂଳ ବ୍ୟାଧି କେବଳ ବ୍ରିଟିଶ ସିଂହାସନ ନୁହେଁ, ଏ ଦେଶର ମୂଳ ବ୍ୟାଧି ହେଉଛି ଶତାବ୍ଦୀ ପ୍ରାଚୀନ ସେହି ଭୟ ଯାହା ଆମ ମେରୁଦଣ୍ଡକୁ ନୁଆଇଁ ଦେଇଛି।

୧୯୧୭ ମସିହା ଜୁନ୍ ୧୭ ତାରିଖରେ ଗାନ୍ଧୀଜୀ ଅହମ୍ମଦାବାଦ ନିକଟରେ ପ୍ରବାହିତ ସାବରମତୀ ନଦୀର ଶାନ୍ତ କୂଳରେ ସ୍ଥାପନ କଲେ ‘ସତ୍ୟାଗ୍ରହ ଆଶ୍ରମ’। ଏହା କେବଳ ଇଟା, ଚୂନ ଓ ମାଟିର ଚାରି କାନ୍ଥ ନଥିଲା, ଏହା ଥିଲା ତାଙ୍କ ସ୍ୱପ୍ନର ଭାରତର ଏକ ଜୀବନ୍ତ ମାନଚିତ୍ର, ଏକ ଛୋଟ ଗଣତନ୍ତ୍ର। ଏଠାରେ କୌଣସି ଚାକର ନଥିଲେ, ପ୍ରତ୍ୟେକ ଆଶ୍ରମବାସୀ ନିଜ ମଳ ନିଜେ ସଫା କରୁଥିଲେ, ନିଜ ହାତରେ ରୁଟି ସେକୁଥିଲେ, ସୂର୍ଯ୍ୟୋଦୟ ପୂର୍ବରୁ ଉଠି ଚରଖାର ମଧୁର ଘର୍ ଘର୍ ଶବ୍ଦରେ ସ୍ୱାବଲମ୍ବନର ସଙ୍ଗୀତ ରଚୁଥିଲେ। ସାବରମତୀରେ ହିଁ ସେ ଅସ୍ପୃଶ୍ୟତା ରୂପକ ବିଷବୃକ୍ଷକୁ ମୂଳରୁ ଉପାଡି ଫିଙ୍ଗିବାକୁ ସାହସ କଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା, ଏହି ପବିତ୍ର ଆଶ୍ରମର ମାଟିରୁ ହିଁ ୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ସେ ୭୮ ଜଣ ସହଯାତ୍ରୀଙ୍କ ସହ ଦାଣ୍ଡୀ ଅଭିମୁଖେ ସେହି ଅମର ଯାତ୍ରା ଆରମ୍ଭ କରିଥିଲେ, ପ୍ରତିଜ୍ଞା କରିଥିଲେ ଯେ ସ୍ୱରାଜ ନ ଆଣିବା ଯାଏଁ ସେ ଏହି ଆଶ୍ରମକୁ ଫେରିବେ ନାହିଁ। ସତକୁ ସତ ସେ ଆଉ କେବେ ସାବରମତୀରେ ସ୍ଥାୟୀ ଭାବେ ରହି ପାରିଲେ ନାହିଁ, କାରଣ ସାବରମତୀ ଏତେବେଳକୁ ସାରା ଭାରତରେ ବ୍ୟାପି ଯାଇଥିଲା। ଏହି ମାନସିକ ଦାସତ୍ୱର ଶୃଙ୍ଖଳକୁ ଛିନ୍ନ କରିବା ପାଇଁ ଗାନ୍ଧୀଜୀ ପ୍ରଥମେ ବିହାରର ଚମ୍ପାରଣ ଗସ୍ତ କଲେ। ସେଠାକାର ନୀଳ ଚାଷୀଙ୍କ କରୁଣ କ୍ରନ୍ଦନରେ ସେ ଯେତେବେଳେ ସତ୍ୟାଗ୍ରହର ସ୍ୱର ଉଠାଇଲେ, ବ୍ରିଟିଶ ସରକାର ତାଙ୍କ ବିରୁଦ୍ଧରେ ମକଦ୍ଦମା ଉଠାଇ ନେବାକୁ ବାଧ୍ୟ ହେଲେ। ପରେ ତଦନ୍ତ କମିଟି ବସିଲା ଏବଂ ଶତାବ୍ଦୀ ପୁରୁଣା ଅତ୍ୟାଚାରୀ ତିନି କାଠିଆ ପ୍ରଥାର ଅନ୍ତ ଘଟିଲା। ଚମ୍ପାରଣର ସେହି ବିଜୟ କେବଳ ନୀଳ ଚାଷର ଅବସାନ ନଥିଲା, ତାହା ଥିଲା ଭାରତ ଆତ୍ମା ସହିତ ଗାନ୍ଧୀଙ୍କର ପ୍ରଥମ ସାକ୍ଷାତକାର। ଏହା ପରେ ଆସିଲା ୧୯୨୦ ମସିହାର ଅସହଯୋଗ ଆନ୍ଦୋଳନର ଅଭୂତପୂର୍ବ ମହାଝଡ। ଯେତେବେଳେ ଜାଲିଆନାୱାଲାବାଗର ଶିଶୁର ରକ୍ତର ଦାଗ ଏ ମାଟିରୁ ଲିଭି ନଥିଲା, ପଞ୍ଜାବର ଆକାଶରେ ସାମରିକ ଆଇନର କଳା ବାଦଲ ଘୁରି ବୁଲୁଥିଲା, ସେତେବେଳେ ତାଙ୍କର ଗୋଟିଏ ଆହ୍ୱାନରେ ମୋତିଲାଲ ନେହେରୁ, ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ଭଳି ଦିଗଜ ଆଇନଜୀବୀ ନିଜର ବିଳାସପୂର୍ଣ୍ଣ ଓକିଲାତି ପରିତ୍ୟାଗ କଲେ, ହଜାର ହଜାର ଛାତ୍ର ପରୀକ୍ଷା ହଲର ଆକର୍ଷଣକୁ ଲାତ ମାରି ରାଜରାସ୍ତାକୁ ଓହ୍ଲାଇ ଆସିଲେ, ଅନ୍ତଃପୁରର ମାଆ ଓ ଭଉଣୀମାନେ ନିଜ ସିନ୍ଧୁକର ଯତ୍ନରେ ରଖିଥିବା ବିଦେଶୀ ବସ୍ତ୍ରକୁ ଟାଣି ଆଣି ରାଜଦାଣ୍ଡର ମଧ୍ୟ ଭାଗରେ ହୋମ ନିଆଁ ଜାଳିଲେ। ସେ ନିଆଁ କେବଳ କପଡା ପୋଡୁ ନଥିଲା, ସେ ନିଆଁ ପୋଡୁ ଥିଲା ଶତାବ୍ଦୀ ପ୍ରାଚୀନ ମାନସିକ ଦାସତ୍ୱର ଶବକୁ। ସେହି ଭସ୍ମରୁ ହିଁ ନୂତନ ଭାରତର ଜନ୍ମ ହେଲା। କିନ୍ତୁ ଚୌରୀଚୌରାରେ ଯେତେବେଳେ ଉତ୍ତେଜିତ ଜନତା ଏକ ଥାନାରେ ନିଆଁ ଲଗାଇ ଦେଲେ, ସମଗ୍ର ଦେଶ ଭାବିଲା ଆନ୍ଦୋଳନ ଆହୁରି ଉଗ୍ର ହେବ। କିନ୍ତୁ ଗାନ୍ଧୀ ସମସ୍ତଙ୍କୁ ସ୍ତବ୍ଧ କରି ଦେଇ ସମଗ୍ର ଆନ୍ଦୋଳନକୁ ପ୍ରତ୍ୟାହାର କରିନେଲେ। ତାଙ୍କର ସ୍ପଷ୍ଟ ଉକ୍ତି ଥିଲା - ଭୁଲ ପଥରେ ଚାଲି ଠିକ୍ ମନ୍ଦିରରେ ପହଞ୍ଚି ହୁଏ ନାହିଁ। ଯଦି ଆମର ଲକ୍ଷ୍ୟ ସ୍ୱରାଜ, ତେବେ ଆମର ମାର୍ଗ ମଧ୍ୟ ସ୍ୱଚ୍ଛ ଓ ପବିତ୍ର ହେବା ଅନିବାର୍ଯ୍ୟ। ଏହି ନୈତିକ ଦୃଢତା ହିଁ ତାଙ୍କୁ ଜଣେ ଚତୁର ରାଜନେତାର ସ୍ତରରୁ ଉଠାଇ ମହାତ୍ମାର ଆସନରେ ବସାଇଲା।

ଇତିହାସ ଏକ ଅବିସ୍ମରଣୀୟ ଘଟଣା ହେଉଛି ୧୯୩୦ ମସିହାର ଦାଣ୍ଡି ଯାତ୍ରା। ଯେତେବେଳେ ସାବରମତୀ ଆଶ୍ରମର ପ୍ରାଙ୍ଗଣରୁ ବାଉଁଶ ଲାଠିଟିଏ ହାତରେ ଧରି ଜଣେ ଏକାକୀ, କୃଶକାୟ ବୃଦ୍ଧ ସମୁଦ୍ର ଆଡକୁ ୩୮୪ କିଲୋମିଟରର ଧୂଳିଧୂସରିତ ପଥ ଚାଲିବା ଆରମ୍ଭ କଲେ, ତାଙ୍କ କୋମଳ ପାଦରେ ଫୋଟକା ଫୁଟୁଥିଲା, କିନ୍ତୁ ଆଖିରେ ଥିଲା ଅପରାଜେୟ ସ୍ୱପ୍ନ। ପ୍ରତ୍ୟେକ ଗ୍ରାମର ମୁହାଣରେ ହଜାର ହଜାର ନରନାରୀ ପଚାରୁଥିଲେ - ବାପୁ କେଉଁଠି ଯାଉଛ ? ସେ ମୃଦୁ ହସି କହୁଥିଲେ - ମୁଁ ଯାଉଛି ସମୁଦ୍ରର ଲୁଣ ଉପରେ ଲଦି ହୋଇଥିବା ପରାଧୀନତାର କରକୁ ଭାଙ୍ଗିବା ପାଇଁ। କାରଣ ଏ ସାଗର ଆମର, ଏ ଲୁଣ ଆମର, ଏହା ଉପରେ ବ୍ରିଟିଶର ଏକଛତ୍ର ଅଧିକାର ନାହିଁ। ଅବଶେଷରେ ଏପ୍ରିଲ ୫ ତାରିଖ ସକାଳେ ଯେତେବେଳେ ସେ ଦାଣ୍ଡିର ଲୁଣା ଜୁଆରିଆ କୂଳରେ ନଇଁ ପଡି ମୁଠାଏ ଲୁଣ ପାଣିରୁ ଲୁଣ ତିଆରି କଲେ, ସେତେବେଳେ ସେହି ମୁଠାଏ ଲୁଣ ଆଉ ଲୁଣ ହୋଇ ରହିଲା ନାହିଁ, ତାହା ପାଲଟିଗଲା ଏକ ସୁପ୍ତ ଜାତିର ଜାଗ୍ରତ ମେରୁଦଣ୍ଡ। ସେହି ଲୁଣ ସ୍ପର୍ଶରେ ବ୍ରିଟିଶ ସାମ୍ରାଜ୍ୟର ଅହମିକାର ଭିତ୍ତିଭୂମି ଥରି ଉଠିଲା। ଏହି ଲବଣ ସତ୍ୟାଗ୍ରହ ସାରା ବିଶ୍ୱର ସମ୍ବାଦପତ୍ରର ପ୍ରଥମ ପୃଷ୍ଠାକୁ ଅଳଙ୍କୃତ କଲା ଏବଂ ବିଶ୍ୱ ପ୍ରଥମ ଥର ପାଇଁ ଦେଖିଲା ଯେ କିପରି ବିନା ରକ୍ତପାତର ଯୁଦ୍ଧରେ ଏକ ନିରସ୍ତ୍ର ଜନତା ସଶସ୍ତ୍ର ସାମ୍ରାଜ୍ୟକୁ ଆଣ୍ଠୁମାଡ କରାଇପାରେ। ୧୯୪୨ ମସିହାର ଅଗଷ୍ଟ କ୍ରାନ୍ତି ଭାରତର ସ୍ୱାଧୀନତା ସଂଗ୍ରାମର ଶେଷ ତଥା ନିର୍ଣ୍ଣାୟକ ମହାସମର ଥିଲା। ଏହା ହିଁ ଥିଲା ଗାନ୍ଧୀଙ୍କର ସର୍ବଶ୍ରେଷ୍ଠ ସଫଳତା - ସେ ନେତୃତ୍ୱକୁ ସଭାମଞ୍ଚର ଉଚ୍ଚାସନରୁ ଓହ୍ଲାଇ ପ୍ରତ୍ୟେକ ସାଧାରଣ ମଣିଷର ହୃଦୟ ମନ୍ଦିରରେ ପ୍ରତିଷ୍ଠା କରି ଦେଇଥିଲେ।

ଗାନ୍ଧୀଙ୍କୁ କେବଳ ରାଜନୀତିର ସଂକୀର୍ଣ୍ଣ ଚଷମା ଭିତରେ ଦେଖିଲେ ଆମେ ତାଙ୍କୁ ଅଧା ଦେଖିବା। କାରଣ ସେ କେବଳ ରାଜନୀତିଜ୍ଞ ନଥିଲେ, ସେ ଥିଲେ ଏକ ପରିପୂର୍ଣ୍ଣ ଜୀବନ-ଦର୍ଶନ। ସେ ଚରଖା କାହିଁକି କାଟୁଥିଲେ ବୋଲି ପଚାରିଲେ ଉତ୍ତର ଆସିବ - ଚରଖା ତାଙ୍କ ପାଇଁ କେବଳ ସୂତା କାଟିବାର କାଠ ଯନ୍ତ୍ର ନଥିଲା, ଚରଖା ଥିଲା ଆତ୍ମନିର୍ଭରତାର ସୁଦର୍ଶନ ଚକ୍ର, ଯାହାର ପ୍ରତ୍ୟେକ ଘୂର୍ଣ୍ଣନ ଏହି ବାର୍ତ୍ତା ଦେଉଥିଲା ଯେ ମୁଁ ପରମୁଖାପେକ୍ଷୀ ନୁହେଁ।

# ଘୁଞ୍ଚିଲା ଡିଜିପି ନିଯୁକ୍ତି ଶୁଣାଣି

ଭୁବନେଶ୍ୱର: ସୁପ୍ରିମକୋର୍ଟରେ ଚାଲିଥିବା ଓଡ଼ିଶା ଡିଜିପି ନିଯୁକ୍ତି ସମ୍ପର୍କିତ ମାମଲା ପୁଣି ଘୁଞ୍ଚିଛି। ଏହାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୨ ତାରିଖରେ ହେବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଡିଜିପ ଚୟନ ପ୍ରକ୍ରିୟାରେ ଏମ୍ପାନେଲମେଣ୍ଟ ଓ ଯୋଗ୍ୟ ତାଲିକାକୁ ନେଇ ଆମିକସ କ୍ୟୁରି ରାଜୁ ରାମଚନ୍ଦ୍ରନଙ୍କ ରିପୋର୍ଟରେ ଉଠାଯାଇଥିବା ପ୍ରଶ୍ନ ଉପରେ ଆଜି ଆଲୋଚନା ହୋଇଛି। ବିଶେଷକରି ବରିଷ୍ଠ ଆଇପିଏସ ଅଧିକାରୀ ସୁଶାନ୍ତ କୁମାର ନାଥଙ୍କୁ ଯୋଗ୍ୟ ତାଲିକାରୁ ବାଦ ଦିଆଯିବା, ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ସମ୍ପର୍କିତ ପ୍ରଶ୍ନ ଏବଂ ଦୁଇଜଣ ଅତିରିକ୍ତ ଡିଜିପିଙ୍କ ପଦୋନ୍ନତି ପରେ ସେମାନଙ୍କୁ ଡିଜିପ ଚୟନ ପ୍ରକ୍ରିୟାରେ ଆଣିବା ପ୍ରସଙ୍ଗ ଉପରେ କୋର୍ଟ ଶୁଣାଣି କରିଥିଲେ।

ଡିଜିପି ନିଯୁକ୍ତି ଶୁଣାଣି ଘୁଞ୍ଚିବା ସମ୍ପର୍କରେ ଏଜି ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି, ଗୁରୁବାର ସୁପ୍ରିମକୋର୍ଟରେ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଶୁଣାଣି ୨୨ ତାରିଖକୁ ଘୁଞ୍ଚିଛି। ମୁଁ ଓ ସଲିସିଟର ଜେନେରାଲ ତ୍ୱରିତ ଶୁଣାଣି ପାଇଁ ନିବେଦନ କରିଛୁ। ୟୁପିଏସସିକୁ ନାଁ ସୁପାରିସ କରିବାରେ ସରକାର କୌଣସି ତ୍ରୁଟି କରି ନାହାନ୍ତି। ପ୍ରକାଶ ସିଂ ରାୟ ଆଧାରରେ ନାମ ସୁପାରିସ୍ କରାଯାଇଛି। କୌଣସି ଠାରେ ସୁପ୍ରିମକୋର୍ଟ କହି ନାହାନ୍ତି କେତେ ଜଣଙ୍କ ନାଁ ସୁପାରିସ ହେବ। ୩ ଜଣଙ୍କ ନାଁ ସୁପାରିସ୍ ନେଇ କିଛି ଲୋକଙ୍କ ମଧ୍ୟରେ ଭ୍ରାନ୍ତ ଧାରଣା ରହିଛି। ଯଦି ଆମେ ୩ଟି ନାଁ ପଠାଇବୁ, ୟୁପିଏସସି ୩ଟି ନାଁ ଫେରାଇବ ତା'ହେଲେ କ'ଣ ହେବ। ସେ ଆହୁରି କହିଛନ୍ତି, ଏହି ମାମଲା ପଛରେ କିଛି ଅଫିସରଙ୍କ ଅଭିସନ୍ଧି ରହିଛି। ତେଣୁ ସରକାର ସମ୍ପୂର୍ଣ୍ଣ ଭାବେ ଆଇନସମ୍ମତ କାର୍ଯ୍ୟ କରିଛନ୍ତି। କିଏ ଡିଜିପି ହେବେ ତାହା ସମ୍ପୂର୍ଣ୍ଣ ଭାବେ ରାଜ୍ୟ ସରକାରଙ୍କ ନିଜସ୍ୱ ନିଷ୍ପତ୍ତି।

# ଭୁବନେଶ୍ୱର ଡିସିପିଙ୍କ ଇସ୍ତଫା ଗୃହୀତ

ଭୁବନେଶ୍ୱର: ଭୁବନେଶ୍ୱର ଡିସିପି ଭାବେ କାର୍ଯ୍ୟ କରୁଥିବା ୨୦୧୩ ବ୍ୟାଚର ଆଇପିଏସ୍ ଅଫିସର ଜଗମୋହନ ମୀନାଙ୍କ ଇସ୍ତଫା ଗୃହୀତ ହୋଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିରେ କୁହାଯାଇଛି ଯେ ରାଷ୍ଟ୍ରପତି ତାଙ୍କ ଇସ୍ତଫା ଗ୍ରହଣ କରିଛନ୍ତି ଓ ଏହା ଚଳିତ ସେପ୍ଟେମ୍ବର ୧୧ ତାରିଖରୁ କାର୍ଯ୍ୟକାରୀ ହୋଇଛି। ଜଗମୋହନ ମୀନାଙ୍କ ସ୍ୱେଚ୍ଛାକୃତ ଇସ୍ତଫା ଆବେଦନକୁ ରାଜ୍ୟ ସରକାର ଆନୁଷ୍ଠାନିକ ଭାବେ ସ୍ୱୀକାର କରି ଚୂଡ଼ାନ୍ତ ଅନୁମୋଦନ ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ପଠାଇଥିଲେ। ଶ୍ରୀ ମୀନା ବ୍ୟକ୍ତିଗତ କାରଣ ଦର୍ଶାଇ ଗତ ଜୁନ୍ ମାସରେ ଚାକିରି ଛାଡ଼ିବା ପାଇଁ ରାଜ୍ୟ ସରକାରଙ୍କୁ ଇସ୍ତଫା ପତ୍ର ପଠାଇଥିଲେ। ରାଜ୍ୟ ସରକାର ତାଙ୍କର ଇସ୍ତଫା ପତ୍ର ଉପରେ ବିଚାରବିମର୍ଶ କରିବା ପରେ ନିଜର ମଞ୍ଜୁରୀ ଦେବା ସହ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ଚୂଡ଼ାନ୍ତ ଅନୁମୋଦନ ପାଇଁ ପଠାଇଥିଲେ। ଶ୍ରୀ ମୀନା ଇସ୍ତଫା ଦେଉଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସେ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ,ପରିବାର ସଦସ୍ୟ ଓ ବନ୍ଧୁମାନଙ୍କ ସହ ବିସ୍ତୃତ ଆଲୋଚନା ପରେ ହିଁ ସେ ଏହି ପଦକ୍ଷେପ ନେଇଛନ୍ତି । ଏହି ନିଷ୍ପତ୍ତି ପଛରେ କୌଣସି ପ୍ରକାରର ବାହ୍ୟ ଚାପ କିମ୍ବା ରାଜନୀତିକ ହସ୍ତକ୍ଷେପ ନଥିବା ସେ ସ୍ପଷ୍ଟ କରିଥିଲେ। ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି ଉପରେ ଅଧିକ ଚର୍ଚ୍ଚା-ଆଲୋଚନା ନକରିବାକୁ ମଧ୍ୟ ଗଣମାଧ୍ୟମକୁ ଅନୁରୋଧ କରିଥିଲେ। ନିଜର ୧୩ ବର୍ଷର ପୁଲିସ ସେବା କାର୍ଯ୍ୟକାଳ ମଧ୍ୟରେ ସେ ଅନୁଗୋଳ, ଗଞ୍ଜାମ ଓ ମାଲକାନଗିରି ଜିଲ୍ଲାରେ ପୁଲିସ ଏସପି ଭାବେ ଓ କଟକରେ ଡିସିପି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୨୫ ଫେବୃଆରୀ ୨୮ ତାରିଖରୁ ସେ ଭୁବନେଶ୍ୱରର ଡିସିପି ଭାବେ କାର୍ଯ୍ୟ କରୁଛନ୍ତି।

# ଡବଲ୍ ମର୍ଡର ମାମଲା: ୧୨ ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ

ଭୁବନେଶ୍ୱର: ଏକ ଡବଲ ମର୍ଡର ମାମଲାରେ ୧୨ଜଣ ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି ଗଜପତି ଅତିରିକ୍ତ ଜିଲ୍ଲା ଦୌରାଜଜ୍ ହର ପ୍ରସାଦ ପଟ୍ଟନାୟକ। ଗତ ୨୦୨୧ ମସିହା ଜୁନ ୧୨ ତାରିଖ ସନ୍ଧ୍ୟାରେ ଗଜପତି ଜିଲ୍ଲା ଅଡ଼ବା ଥାନା ଅନ୍ତର୍ଗତ ମୁଠାଗୁଡା ଗାଁର ଲୁକା ଦଳବେହେରାଙ୍କୁ ଗୁଣିଆ ସନ୍ଦେହରେ ଗାଁ ଲୋକେ ଆକ୍ରମଣ କରିଥିଲେ। ଏହାର ପ୍ରତିବାଦ କରିବାରୁ ଲୁକା ଦଳବେହେରାଙ୍କ ପୁଅ ଅନୁଖ ଦଳବେହେରାଙ୍କ ଉପରେ ମଧ୍ୟ ଆକ୍ରମଣ କରାଯାଇଥିଲା। ପ୍ରଥମେ ଆକ୍ରମଣକାରୀମାନେ ଉଭୟ ବାପପୁଅ ମରିଗଲେ ଭାବି ଛାଡ଼ିଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ସେମାନେ ବଞ୍ଚିଥିବା ଜାଣି ପୁଣି ବିଷ ଦେଇ ହତ୍ୟା କରିଥିଲେ। ଏନେଇ ଅଡ଼ବା ଥାନାରେ ଅଭିଯୋଗ ହେବା ପରେ ପୁଲିସ ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ଜସୁଆ ଗମାଙ୍ଗଙ୍କ ସମେତ ଅନ୍ୟ ୧୧ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ଚୂଡ଼ାନ୍ତ ରାୟ ଗୁରୁବାର ପ୍ରକାଶ ପାଇଛି। ସମସ୍ତ ୧୨ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ହଜାର ଟଙ୍କା ଲେଖାଏ ଜରିମାନା ଆଦେଶ କରିଛନ୍ତି କୋର୍ଟ। ଜରିମାନା ଅନାଦେୟ ସ୍ଥଳେ ଅଧିକ ୬ ମାସ ଲେଖାଏ କାରାଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସରକାରୀ ଓକିଲ ରାଜେଶ ମିଶ୍ର ସୂଚନା ଦେଇଛନ୍ତି।

# ଲୋକସେବା ଭବନରେ 'ତମାଖୁ' ବ୍ୟାନ୍

**ଭୁବନେଶ୍ୱର:** ଲୋକସେବା ଭବନ ପରିସରକୁ 'ତମାଖୁମୁକ୍ତ ଅଞ୍ଚଳ' ଭାବେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ନୋଟିଫିକେସନ୍ ଜାରି କରାଯାଇଛି। ତମାଖୁ ବ୍ୟବହାର କ୍ୟାନ୍‌ସର, ହୃଦ୍‌ରୋଗ ଓ ଫୁସଫୁସଜନିତ ରୋଗ ସମେତ ବିଭିନ୍ନ ଅଣସଂକ୍ରାମକ ରୋଗର ଏକ ପ୍ରମୁଖ କାରଣ। ତମାଖୁ ବ୍ୟବହାର ଯୋଗୁଁ ଦେଶରେ ପ୍ରତିବର୍ଷ ପ୍ରାୟ ୧୩ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟୁଥିବା ନୋଟିଫିକେସନ୍‌ରେ ଉଲ୍ଲେଖ କରାଯାଇଛି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, "ସ୍ୱଚ୍ଛ ଭାରତ, ସ୍ୱସ୍ଥ ଭାରତ ଏବଂ 'ନିଶାମୁକ୍ତ ଭାରତ ଅଭିଯାନ'ର ଲକ୍ଷ୍ୟକୁ ସୁଦୃଢ଼ କରିବା ସହ ଲୋକସେବା ଭବନକୁ ଏକ ସ୍ୱଚ୍ଛ, ସୁସ୍ଥ ଓ ତମାଖୁମୁକ୍ତ କାର୍ଯ୍ୟସ୍ଥଳ ଭାବେ ଗଢ଼ି ତୋଳିବା ପାଇଁ ଏହି ପଦକ୍ଷେପ ନିଆଯାଇଛି।

# 'ସମ୍ବାଦ'ର ପୂର୍ବତନ ପ୍ରକାଶକ ବିଜୟ କୁମାର ପଟ୍ଟନାୟକଙ୍କ ଷଷ୍ଠ ବାର୍ଷିକ ପବିତ୍ର ପୂଣ୍ୟତିଥି ଉପଲକ୍ଷେ ସ୍ମୃତିସଭା




ଭୁବନେଶ୍ୱର : 'ସମ୍ବାଦ'ର ପୂର୍ବତନ ପ୍ରକାଶକ ବିଜୟ କୁମାର ପଟ୍ଟନାୟକଙ୍କ ଷଷ୍ଠ ବାର୍ଷିକ ପବିତ୍ର ପୂଣ୍ୟତିଥି ଉପଲକ୍ଷେ ଏକ ସ୍ମୃତିସଭା ସ୍ୱସ୍ତି ପ୍ରିମିୟମ୍ ହୋଟେଲ, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। 'ସମ୍ବାଦ'ର ଅଧ୍ୟକ୍ଷ ତଥା ବିଜୟ କୁମାର ପଟ୍ଟନାୟକ ମେମୋରିଆଲ୍ ଆଣ୍ଡ୍ ଚାରିଟେବୁଲ୍ ଟ୍ରଷ୍ଟର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ମାନ୍ୟବର ବିଧାୟକ ଗୌତମବୁଦ୍ଧ ଦାସ, ସ୍ୱାମୀ ସୁଧାନନ୍ଦ ସରସ୍ୱତୀ, ଅଧ୍ୟକ୍ଷ, ବେଦଧାମ ଏବଂ ଓଡ଼ିଆ ଦୈନିକ ଖବରକାଗଜ 'ପ୍ରମେୟ'ର ସମ୍ପାଦକ ଗୋପାଳକୃଷ୍ଣ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଗୌତମବୁଦ୍ଧ ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ବିଜୟ ପଟ୍ଟନାୟକଙ୍କ ଭଳି ଏକ ସାଙ୍ଗଠନିକ ଦକ୍ଷତା ଥିବା ବ୍ୟକ୍ତିଙ୍କୁ ସମ୍ବାଦ ପାଇଥିଲା। ତାଙ୍କର ସାଙ୍ଗଠନିକ ଦକ୍ଷତା ଅନନ୍ୟ। ଏକ ପ୍ରମୁଖ ସମ୍ବାଦପତ୍ର ସମ୍ବାଦର ସେ ଥିଲେ ପ୍ରଚ୍ଛଦପଟର ନାୟକ। ସମ୍ବାଦର ପ୍ରକାଶନ ଦାୟିତ୍ୱ ଏଭଳି ସୁଚାରୁରୂପେ ତୁଲାଇଥିଲେ ଯେ ଯାହା ସମ୍ବାଦକୁ ଆଜି ରାଜ୍ୟର ଏକ ନମ୍ବର ଖବରକାଗଜର ମାନ୍ୟତା ଦେବାରେ ସହାୟକ ହୋଇଛି। ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଦୀର୍ଘ ୩୫ ବର୍ଷ କାଳ ସେ ସମ୍ବାଦର ସେବାରେ ନିଜକୁ ସମର୍ପିତ କରିଥିଲେ। ସମ୍ବାଦର ପ୍ରକାଶକ ପରି ବଡ଼ ପଦବୀରେ ଥାଇ ମଧ୍ୟ ସେ ବେଶ୍ ସରଳ, ପରୋପକାରୀ, ଧର୍ମପରାୟଣ ବ୍ୟକ୍ତି ଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ମଣିଷର ଆଧ୍ୟାତ୍ମିକ ଚିନ୍ତା ଓ ଚେତନା ଉପରେ ତାଙ୍କର ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଗୋପାଳକୃଷ୍ଣ ମହାପାତ୍ର କହିଥିଲେ ଯେ ବିଜୟ ବାବୁ ମୋର ଜଣେ ସହକର୍ମୀ ଥିଲେ। ଆମେ ସାଙ୍ଗ ହୋଇ ଦୀର୍ଘ ବର୍ଷ ଧରି ଏକାଠି କାର୍ଯ୍ୟ କରିଛୁ। ବିଜୟ ପଟ୍ଟନାୟକ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସମ୍ବାଦର ସେବାରେ ନିଜକୁ ସମର୍ପିତ କରିଥିଲେ। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଏବଂ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କର ବ୍ୟକ୍ତିତ୍ୱ ଏବଂ ବିଭିନ୍ନ କାର୍ଯ୍ୟକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଲୋକଲୋଚନକୁ ଆଣିଲେ ଅନ୍ୟମାନେ ଏଥିରୁ ପ୍ରେରଣା ପାଇବେ। ଶେଷରେ ସୌମ୍ୟରଞ୍ଜନ ପଟ୍ଟନାୟକ କହିଥିଲେ ଯେ ବିଜୟ ବାବୁ ଆମ ସମ୍ବାଦ ପରିବାରର ପ୍ରଥମ ସହଯୋଗୀ ସଦସ୍ୟ ଥିଲେ। ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସମ୍ବାଦର ସେବାରେ ନିଜକୁ ସମର୍ପିତ କରିଥିଲେ। ସମ୍ବାଦରେ ତାଙ୍କର ଅବଦାନକୁ କେବେବି ଭୁଲିହେବ ନାହିଁ। ସେ ଏକ ସଫଳ ବ୍ୟକ୍ତିତ୍ୱ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଚାରି ଜଣଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ସୁବାଷ ଚନ୍ଦ୍ର ଶତପଥୀ, ବରିଷ୍ଠ ସାମ୍ବାଦିକଙ୍କୁ ବିଜୟ ପଟ୍ଟନାୟକ ମେମୋରିଆଲ୍ ଜର୍ଣ୍ଣାଲିଷ୍ଟ ଆୱାର୍ଡ଼- ୨୦ ୨୬ରେ ସମ୍ବର୍ଦ୍ଧନା କରି ମାନପତ୍ର ଏବଂ ପଚିଶ ହଜାର ଟଙ୍କାର ଅର୍ଥରାଶି ପୁରସ୍କାର, ପ୍ରଦୀପ ପାଢ଼ୀଙ୍କୁ ବିଜୟ ପଟ୍ଟନାୟକ ମେମୋରିଆଲ୍ ନିଉଜ୍‌ପେପର ହକର ଆୱାର୍ଡ଼- ୨୦୨୬ ସହିତ ମାନପତ୍ର ଏବଂ କୋଡ଼ିଏ ହଜାର ଟଙ୍କାର ଅର୍ଥରାଶି ପୁରସ୍କାର, ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ଆଶାକର୍ମୀ ଆଲୋକରଶ୍ମୀ ପାଲୁଆରଙ୍କୁ ବିଜୟ ପଟ୍ଟନାୟକ ମେମୋରିଆଲ ଆୱାର୍ଡ଼ - ୨୦୨୬, ମାନପତ୍ର ଏବଂ ଦଶହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସେହିପରି ଶିଶୁ ଶ୍ରମରୁ ମୁକ୍ତ ହୋଇ ଶିକ୍ଷାକୁ ଗ୍ରହଣ କରିଥିବା ରିଙ୍କୁ ମହନ୍ତଙ୍କୁ ବିଜୟ ପଟ୍ଟନାୟକ ମେମୋରିଆଲ୍ ଆୱାର୍ଡ଼- ୨୦ ୨୬ ସହିତ ମାନପତ୍ର ଏବଂ କୋଡ଼ିଏ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏତଦ୍‌ବ୍ୟତୀତ, ବିଜୟ କୁମାର ପଟ୍ଟନାୟକଙ୍କ ଉପରେ ଆଧାରିତ ଏକ ବୃତ୍ତିଚିତ୍ର ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇ ପ୍ରଦର୍ଶିତ ହୋଇଥିଲା। ଉକ୍ତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯଥା – ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ; ଶ୍ରୀମତୀ ସୁଦାତା ପଟ୍ଟନାୟକ, 'ସମ୍ବାଦ'ର ସମ୍ପାଦିକା ତନୟା ପଟ୍ଟନାୟକ, ଦିବ୍ୟଜ୍ୟୋତି ପଟ୍ଟନାୟକ, ନବଜ୍ୟୋତି ପଟ୍ଟନାୟକ, ସି.ଭି. ରମଣ ଗ୍ଲୋବାଲ୍ ୟୁନିଭର୍ସିଟିର ପ୍ରତିଷ୍ଠାତା ସଞ୍ଜିବ କୁମାର ରାଉତ, ଶରତ ଚନ୍ଦ୍ର ଭଦ୍ରା, ଡକ୍ଟର ଗୌରହରି ଦାଶ, ଅସିତ ମହାନ୍ତି, କମଳାକାନ୍ତ ମହାପାତ୍ର, ଭବାନୀ ଶଙ୍କର ତ୍ରିପାଠୀ ଆଦି ଯୋଗ ଦେଇଥିଲେ। ପ୍ରାରମ୍ଭରେ ଟ୍ରଷ୍ଟର ପରିଚାଳନା ଟ୍ରଷ୍ଟି ଅଜୟ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଟ୍ରଷ୍ଟି ଡକ୍ଟର ସମ୍ବେଦନା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଟ୍ରଷ୍ଟର ଅନ୍ୟତମ ସଦସ୍ୟ ଆଶିଷ କୁମାର ମହାନ୍ତି, ଆଇନଜୀବୀ ସୁଶାନ୍ତ କୁମାର ଦାଶ, ସ୍ୱରୂପ ମହାପାତ୍ର, ଡ. ସ୍ୱରୂପ କୁମାର ପଟ୍ଟନାୟକ ଷଷ୍ଠ ବାର୍ଷିକ ପବିତ୍ର ପୂଣ୍ୟତିଥି ଉପଲକ୍ଷେ ଆୟୋଜିତ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରାତଃରେ ସି.ଆର.ପି. ଛକ ସ୍ଥିତ ଶ୍ରୀ ଶ୍ରୀ ସଂକଟ ମୋଚନ ହନୁମାନ ମନ୍ଦିରରେ ଶ୍ରୀରାମ ଚରିତ ମାନସ ଅଖଣ୍ଡ ପାଠର ଶୁଭାରମ୍ଭ ସହିତ ୧୦୮ ଦୀପଦାନ ଏବଂ ବିଜୟ କୁମାର ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ବହୁ ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣ କରିଥିଲେ। ପରେ ପରେ 'ଆଶ୍ରୟ ଚିଲଡ୍ରେନ୍ ହୋମ୍' ଡୁମୁଡୁମାରେ ପିଲାମାନଙ୍କୁ ଖାଦ୍ୟ ଓ ବସ୍ତ୍ର ପ୍ରଦାନ କରାଯାଇଥିଲା।



# ମଣିଷ ପକ୍ଷୀ



ରାସ୍ତାର ମୋଡ଼ ବଦଳିଲା ପରି ମଣିଷ ଜୀବନରେ ଅନେକ ମୋଡ଼ ବଦଳେ। ମରା ମରା କହୁ କହୁ ରାମ ରାମ କହି ଦସ୍ୟୁ ରତ୍ନାକର ବାଲ୍ମୀକି ଋଷି ହୋଇ ପ୍ରସିଦ୍ଧି ଲାଭ କରିବା କଥା କିଏ ନଜାଣେ ? ସାଧୁ ବାବା ଜଣେ ନିଜ କମଣ୍ଡଳୁରେ ରଖିଥିବା ଜଳକୁ ଅମୃତ ଜଳ କହି ସେହି ବିଷାଦଗ୍ରସ୍ତ ଲୋକଟିକୁ ଦେଇ ତା ଜୀବନର ମୋଡ଼ ବଦଳେଇବାକୁ ଚାହିଁ କହିଥିଲେ ଏହାକୁ ପିଇଲେ ତୁମେ ଅମରତ୍ୱ ପ୍ରାପ୍ତ ହେବ ବା ତୁମ ପରିବାରର ଯିଏ ଏହାକୁ ପିଇବ ସେ ଅମରତ୍ୱ ପାଇବ। ସାଧୁ ଦେଖିଲେ ଲୋକଟି ତାହା ନେଇ ତା ପୁଅକୁ ଦିଅନ୍ତେ ସେ ସେସବୁ ନେଇ ଭଉଣୀକୁ ଦେଲା। ଭଉଣୀ ସବୁ ଜାଣି ମାଆକୁ ଦେବାରୁ ମାଆ ନିଜ ସ୍ୱାମୀ ଅର୍ଥାତ ତା ସେହି ଲୋକଟିକୁ ଦେଇ ପିଇବାକୁ କହିବାରୁ ସମସ୍ତ ପରିବାର ମିଶି ନିର୍ଣ୍ଣୟ କଲେ କେହି ଜଣେ ପରିବାରର ବଞ୍ଚି ଲାଭ କଣ ବରଂ ଏ ଅମୃତ ଜଳ ସାଧୁଙ୍କୁ ଫେରେଇ ଦେବା। ସାଧୁ ସମସ୍ତ ଘଟଣା ସନ୍ଦର୍ଶନ କରି ବୁଝିଗଲେ ପରିବାରରେ ମୋଡ଼ ବଦଳି ଯାଇଛି। ତାଙ୍କର ସେଦିନ ହୃଦବୋଧ ହେଲା ସୃଷ୍ଟିର ମୋଡ଼ ନିଶ୍ଚୟ ବଦଳିବ.ସ୍ନେହ,ଶ୍ରଦ୍ଧା,ଆନ୍ତରିକତାର ଫୁଲ ଫୁଟି ବିକଶିତ ହେବ। ସୃଷ୍ଟିର ବିଲୟ ନୁହଁ ବରଂ ତିଷ୍ଠି ରହିବାର ଏହା ଏକ ବୈପ୍ଲବିକ ମୋଡ଼। ସେହି ଲୋକଜଣଙ୍କ ସୁଦାମ କିନ୍ତୁ ଭାବୁଥିଲେ ସାଧୁଙ୍କୁ ସେ ଅମୃତ ଜଳ ଫେରେଇ ନଦେଇ ତାଙ୍କ ପାରିବାରର ସବୁଠୁ ଗେଲା ଛୋଟ ସଦସ୍ୟ କୁକୁର ଟମିକୁ ତ ଦିଆଯାଇପାରିଥାନ୍ତା !ସ୍ୱାମୀଙ୍କ ଚିନ୍ତାର କାରଣ ଜାଣିପାରି ସ୍ତ୍ରୀ କହିଲେ ବ୍ୟସ୍ତ ହୁଅନାହିଁ ସରକାର କୁକୁରମାନଙ୍କ ଜୀବନର ମୋଡ଼ ବଦଳେଇ ତାଙ୍କ ଥଇଥାନ ପାଇଁ ଚିନ୍ତା କରୁଛନ୍ତି। ସୁଦାମ ଭାବୁଥିଲେ ମଣିଷର ଆଚରଣ ଓ ଉଚ୍ଚାରଣରେ ପରିବର୍ତ୍ତନ ନଘଟିଲେ ମୋଡ଼ ବଦଳିପାରେ କିନ୍ତୁ ହୁଏତ ସୁଫଳ ପ୍ରାପ୍ତି ହେବନାହିଁ। କୁକୁର ଚାହେଁ ମଣିଷର ବଳକା ଖାଦ୍ୟ। ଫୋପାଡି ନଦେଇ ସେମାନଙ୍କୁ ଦେବା କ୍ଷତି କଣ !ଦ୍ୱିତୀୟରେ ଅଯଥା ସେମାନଙ୍କୁ ଟେକା ପଥର ଫିଙ୍ଗିବା, ବାଡ଼ିରେ ବାଡେଇବା, ଲାଙ୍ଗୁଡ଼ରେ ତାଳଫୋଟକା ବାଣ ବାନ୍ଧି ଓ ନିଆଁ ସଂଯୋଗ କରି ଫୁଟାଇ ଡରାଇବା କଣ ଦରକାର। ଏସବୁ ଆଚରଣ ସ୍ଥଗିତ ଦିଗରେ ମଣିଷର ମାନସିକତାରେ ପରିବର୍ତ୍ତନର ମୋଡ଼ ସହ ସେମାନଙ୍କୁ ଗରମ ପାଣି କି ତେଲ ନଫିଙ୍ଗି ବରଂ ତାଙ୍କ ଛୋଟ ମୋଟ ସ୍ୱାସ୍ଥ୍ୟରକ୍ଷା ପାଇଁ ପଶୁଡାକ୍ତରମାନେ ସହାୟକ ହୁଅନ୍ତେ ତେବେ ନିଶ୍ଚୟ ଶ୍ୱାନମାନଙ୍କ ଜୀବନର ମୋଡ଼ ବଦଳି ଯାଆନ୍ତା। ସେମାନଙ୍କ କ୍ଷୁଦ୍ର ମସ୍ତିଷ୍କ ସକ୍ରିୟ ହୁଅନ୍ତା। ତାଙ୍କ ଭିତରେ ଆକ୍ରମଣାତ୍ମକ ମନୋଭାବ ପରିବର୍ତ୍ତେ ସେହି ସ୍ୱର୍ଗୀୟ ବିଶ୍ୱସ୍ତ ରହିବା ଗୁଣ ଆହୁରି ବିକଶିତ ହୁଅନ୍ତା।

ଯୋଉ ଗଳି କନ୍ଦିରେ ଯୋଉଠି ଯେଉଁ କୁକୁର ରହିଥିବେ ଦଳ ବାନ୍ଧି ସେହି ଏରିଆରେ ଅନ୍ୟ କୋଉ ନୂଆ କୁକୁର ଆସିଲେ ସେମାନେ ଏମିତି ବିରୋଧ କରନ୍ତି ଯେ ନୂଆ କୁକୁରକୁ ଦଳରେ ମିଶେଇ ଦିଅନ୍ତି ନାହିଁ। ତ ନୂଆ କୁକୁରଟି ଲାଙ୍ଗୁଡ଼ ଜାକି ପଳେଇଯାଏ ବା କୁଁ କୁଁ ହେଇ ନେହୁରା ହେଉଥାଏ। ସତେ ଯେମିତି କହୁଥାଏ ମତେ ନିଜ ଜାତିର ଭାବି ତୁମ ଦଳରେ ମିଶାଇ ଦିଅ ଦେଖିବ ମୁଁ ଦିନେ ତୁମ ସାଙ୍ଗ ହୋଇ ତୁମ ଅନୁଗତ ରହିବି। ପୁରୁଣା ଦଳ କୁକୁମାନେ ମାନନ୍ତି ନାହିଁ ସହଜରେ। ଦାନ୍ତ ନିକୁଟି ନୂଆ ଆସିଥିବା କୁକୁରକୁ ଏମିତି ସତ୍କାରନାମରେ ବିରୋଧ କରନ୍ତି ବିଚରା ଅନ୍ୟ କୋଉଠୁ ଆସିଥିବା କୁକୁରଟି କେଉଁ ପଳାଏ ଏରିଆ ଛାଡ଼ି ତ କେଉଁ କୁଁ କୁଁ ହେଉଥାଏ। ଏମିତି ଗୋଟେ କୁକୁରର କୁଁ କୁଁ ଯନ୍ତ୍ରଣା କାତର ସ୍ୱର ଶୁଭୁଥିଲା ରାତି ସାରା ଦାସବାବୁଙ୍କ ଘରକୁ ତ ତାଙ୍କ ସ୍ତ୍ରୀ ସିନା ଉପରୋକ୍ତ କଥା ସବୁ ଭାବୁଥିଲେ କିନ୍ତୁ ଦାସ ବାବୁ ଶୋଇନପାରି ଦାନ୍ତ ରଗଡୁ ରଗଡୁ ଭାବୁଥିଲେ ସକାଳେ ବୁଝୁଛି ତୋ କଥା !

ସକାଳ ହେଲା। ସବୁଦିନ ଭଳି କାଉର କା କା ଶବ୍ଦ ସାଙ୍ଗକୁ ପାଣି ଟ୍ୟାପରୁ ଝରିଆସୁଥିବା ପାଣିର ଶବ୍ଦ ସବୁ ପ୍ରତିଧ୍ୱନିତ୍ୱ ହେଉଥିଲା ଘର, ଅଗଣା, ବଗିଚା ତ ଦାସବାବୁ ଚାଲିଲେ ବଗିଚା ଆଡ଼େ। ଦେଖିଲା ବେଳକୁ ସେଠି କୁନା କେତେବେଳୁ ଉଠି ରାତି ସାରା କୁଁ କୁଁ ହେଉଥିବା କୁକୁରଟିର ସେବା କରିବା ପାଇଁ ବେଟାଡାଇନ, ଅଖା, କିଛି ବିସ୍କୁଟ ଓ କ୍ଷୀର ଧରି ଆସିଛି ତା ପାଖକୁ। ପ୍ରଥମେ କୁନା ଆଖିରେ ଆଖି ମିଶେଇ କୁକୁରଟି ବିଶ୍ୱାସ କରିପାରୁନଥିଲା ଇଏ ତାର ପୂର୍ବ କୁକୁର ମାନଙ୍କ ପରି ତାକୁ ଆହୁରି କ୍ଷତାକ୍ତ କରିବାକୁ ଆସିଛି ଶତୃ ଭାବି ନା ଆଉ କିଛି ! କୁକୁରଟି ବେଶି ବେଶି କୁଁ କୁଁ ହେଲାବେଳକୁ ବାପା ଦାସବାବୁ ସେଇଠି ପହଁଞ୍ଚି ଯାଇଥିଲେ। ଏତେ ଖଣ୍ଡିଆ ଖାବେରା ଅବସ୍ଥାରେ ମଧ୍ୟ କୁକୁରଟି ଉଠିପଡ଼ି ପଳେଇବାକୁ ବସିଥିଲା ତ ମନ ବଦଳିଗଲା ଦାସ ବାବୁଙ୍କର। ଆଖିର ରଙ୍ଗ ବଦଳିଗଲା ତ ଚୁ ଚୁ ଡାକୁଥିଲେ ପୁଅ କୁନା ସହ। ତାଙ୍କ ଆଖିର ଦୟା କୁକୁରର ସମଗ୍ର ପ୍ରାଣକୁ ଖେଦି ଗଲା ଯେମିତି। ପଳେଇ ନଯାଇ ଶୋଇ ରହିଲା କୁକୁରଟି। କୁନା ଔଷଧ ଲଗେଇ ଦେବାରୁ ତା ହାତରୁ ବିସ୍କୁଟ ଖାଉଥିଲା ଓ କ୍ଷୀର ପିଇ ଆରାମରେ ଶୋଇଯାଇଥିଲା। ସତରେ ବିଶ୍ୱାସ ରେ ନିଶ୍ୱାସ ନେବାକୁ ହେଲେ ଆଖିରୁ ଆତ୍ମାକୁ ବିଶ୍ୱାସ ସଞ୍ଚରି ଗଲେ ବନ୍ଧୁତା ଓ ନିଜର ପଣିଆ ସୃଷ୍ଟି ହୁଏ ବୋଲି ଦାସ ବାବୁ ପୁଣି ଅନୁଭବ କରିବା ବେଳେ ମୁନା ଆଖିରେ ମଧ ସେଇ ଭାବ ଦେଖି ତା ମୁଣ୍ଡ ଆଉଁସି ଦେଉଥିଲେ ବାପା ଦାସବାବୁ। ଶୋଇପଡ଼ିଥିଲା କୁକୁରଟି ନିଶ୍ଚିନ୍ତରେ.ମୁନା ଅଖା ପାରି ଅଖା ଘୋଡେଇ ଦେଇଥିଲା କୁକୁରଟିକୁ।

କୁକୁରଟି ଆସ୍ତେ ଆସ୍ତେ ସୁସ୍ଥ ତଥା ବିଶ୍ୱସ୍ତ ହୋଇ ନାଁଟିଏ ପାଇଗଲା ଟମି ଆଉ ମୁନା ପଛେ ପଛେ ବଗିଚା ସାରା ଗୋଡାଉ ଗୋଡାଉ ହେଇଗଲା ପୋଷା। ଘରକୁ ଆସୁଥିବା ଲୋକଙ୍କ ଆଖିକୁ ଚାହିଁ ପ୍ରାଣକୁ ଛୁଇଁ ଯାଉଥିଲା ତାର କିଏ ମିତ୍ର କିଏ ଶତୃ। ଅସୁବିଧା ହେଲା କାହାକୁ ଭୁଲିଲା ତ କାହା ଦେହରେ ଲାଙ୍ଗୁଡ଼ ଘଷିଲା। ଘରକୁ ଆସୁଥିବା ଲୋକେ ବୁଝିଗଲେ ବି ଦୁଆର ଆଗ ଦେଇ ଯା ଆସ କରୁଥିବା ସେହି ଗଳିର କୁକୁର ଦଳ ଯେମିତି ତା ପ୍ରତି ଅସହିଷ୍ଣୁ ଥିଲେ ସେମିତି ଥିଲେ କେତେକ ଲୋକ। ଯେଉଁମାନେ କି ଦୃଷ୍ଟି ପହଁରେଇ ଆଖିରେ ଆଖି ମିଶାଇବା ବେଳେ ଟମିର ପ୍ରାଣକୁ ଛୁଇଁ ଯାଉଥିଲା କାହା ଚାହାଣୀ କହୁଛି କୋଉ ଭାଷା। ସତରେ କୁକୁର ମାନଙ୍କ ଘ୍ରାଣ ଓ ଦୃଷ୍ଟି ପ୍ରାଣକୁ ସଞ୍ଚରି ସେ ବୁଝିଯାଏ ଓ ପଢିପାରେ ଆଖିର ଭାଷା ସହିତ ହୃଦୟର ଲେଖା। ତାର ଏଇ ଭାବନା ସତ ହେଲା ଯେବେ ଲୋକେ ତାଗିଦା କଲେ ଦାସବାବୁଙ୍କୁ କୁକୁରକୁ ବାନ୍ଧି ରଖିବାକୁ। ପୁଣି କିଏ ପଡିଯାଇ ଆଣ୍ଠୁଡ଼ି ହେଲେ କହିଲେ ତୁମ କୁକୁର ଗୋଡ଼େଇବାରୁ ପଡିଲି.

କଥା ସେତିକିରେ ସରିନଥିଲା। ଆଖିରୁ ପ୍ରାଣ ଯାଏଁ ଛୁଇଁ ଯାଉଥିବା ଲୋକଙ୍କ ଆଚରଣ ଓ ଉଚ୍ଚାରଣ ବୁଝି ଏଣିକି ଟମି ଆସି ମୁନାକୁ କେବଳ ଅଭିଯୋଗ କରୁନଥିଲା ବରଂ କାହାକୁ କାହାକୁ କାମୁଡି ବି ଦେଉଥିଲା। ଏଥର ଆରମ୍ଭ ହୋଇଗଲା ପ୍ରକୃତ ଶତୃତା। ଲୋକେ ଆସି ଦୁଆରେ ପାଟି ତୁଣ୍ଡ କଲେ। କୁକୁରକୁ ବାନ୍ଧି ରଖ କହୁ କହୁ ଛାଡ଼ ଶୀଘ୍ର କହିଲେ। ଇଞ୍ଜେକେସନ ପାଇଁ ପଇସା ନେଉଥିଲେ ବି ଟମିର ଘର ଓ ଘର ଲୋକଙ୍କ ପ୍ରତି କୃତଜ୍ଞତା ଭାବ ବୁଝି ଅସହିଷ୍ଣୁ ହୋଇ ବକା କଢା କରିବାରୁ ମୁନା ବାପାଙ୍କ ସହ ଯାଇ ନେକ୍ସଟ ଷ୍ଟେସନରେ କୁକୁରଟିକୁ ଛାଡି ଦେଇ ଆସିବା ପରେ ମୁନାକୁ ଜ୍ୱର ଛାଡୁନଥିଲା। ଡାକ୍ତର ଯେତେ ଔଷଧ ଦେଲେ ମଧ ମୁନାର ଆଖିରୁ ହୃଦୟ ହୋଇ ପ୍ରାଣ ଯାହାକୁ ଖୋଜୁଥିଲା ତାକୁ ଛାଡିସାରିବା ପରେ ସେହି ନେକ୍ସଟ ଷ୍ଟେସନରେ ଯେତେ ଖୋଜିଲେ ମଧ ଟମିକୁ ନପାଇ ନିରାଶରେ ଫେରୁଥିବା ବେଳେ ବାପା ଭାବୁଥିଲେ ଏ ଜୀବନେ ଆଉ ନାହିଁ ଦେଖା। ଏ ଭିତରେ ମୁନା ବଡ଼ ହୋଇ ଚାକିରୀ କରି ବାହା ହେବା ପରେ ପୁଅ ତାର କୁକୁରଟିଏ ଆଣିଦେବାକୁ କହୁଥିଲା ତ ଦାନ୍ତ ଭାଙ୍ଗି କୁକୁର ପାଳିବାକୁ କହୁଥିଲେ ମଧ ମୁନା ରାଜି ନଥିଲା.ରାସ୍ତାର ମୋଡ଼ ବଦଳିଲା ପରି ମଣିଷ ଜୀବନରେ ଅନେକ ମୋଡ଼ ବଦଳେ। ମରା ମରା କହୁ କହୁ ରାମ ରାମ କହି ଦସ୍ୟୁ ରତ୍ନାକର ବାଲ୍ମୀକି ଋଷି ହୋଇ ପ୍ରସିଦ୍ଧି ଲାଭ କରିବା କଥା କିଏ ନଜାଣେ ? ସାଧୁ ବାବା ଜଣେ ନିଜ କମଣ୍ଡଳୁରେ ରଖିଥିବା ଜଳକୁ ଅମୃତ ଜଳ କହି ସେହି ବିଷାଦଗ୍ରସ୍ତ ଲୋକଟିକୁ ଦେଇ ତା ଜୀବନର ମୋଡ଼ ବଦଳେଇବାକୁ ଚାହିଁ କହିଥିଲେ ଏହାକୁ ପିଇଲେ ତୁମେ ଅମରତ୍ୱ ପ୍ରାପ୍ତ ହେବ ବା ତୁମ ପରିବାରର ଯିଏ ଏହାକୁ ପିଇବ ସେ ଅମରତ୍ୱ ପାଇବ। ସାଧୁ ଦେଖିଲେ ଲୋକଟି ତାହା ନେଇ ତା ପୁଅକୁ ଦିଅନ୍ତେ ସେ ସେସବୁ ନେଇ ଭଉଣୀକୁ ଦେଲା। ଭଉଣୀ ସବୁ ଜାଣି ମାଆକୁ ଦେବାରୁ ମାଆ ନିଜ ସ୍ୱାମୀ ଅର୍ଥାତ ତା ସେହି ଲୋକଟିକୁ ଦେଇ ପିଇବାକୁ କହିବାରୁ ସମସ୍ତ ପରିବାର ମିଶି ନିର୍ଣ୍ଣୟ କଲେ କେହି ଜଣେ ପରିବାରର ବଞ୍ଚି ଲାଭ କଣ ବରଂ ଏ ଅମୃତ ଜଳ ସାଧୁଙ୍କୁ ଫେରେଇ ଦେବା। ସାଧୁ ସମସ୍ତ ଘଟଣା ସନ୍ଦର୍ଶନ କରି ବୁଝିଗଲେ ପରିବାରରେ ମୋଡ଼ ବଦଳି ଯାଇଛି। ତାଙ୍କର ସେଦିନ ହୃଦବୋଧ ହେଲା ସୃଷ୍ଟିର ମୋଡ଼ ନିଶ୍ଚୟ ବଦଳିବ.ସ୍ନେହ,ଶ୍ରଦ୍ଧା,ଆନ୍ତରିକତାର ଫୁଲ ଫୁଟି ବିକଶିତ ହେବ। ସୃଷ୍ଟିର ବିଲୟ ନୁହଁ ବରଂ ତିଷ୍ଠି ରହିବାର ଏହା ଏକ ବୈପ୍ଲବିକ ମୋଡ଼। ସେହି ଲୋକଜଣଙ୍କ ସୁଦାମ କିନ୍ତୁ ଭାବୁଥିଲେ ସାଧୁଙ୍କୁ ସେ ଅମୃତ ଜଳ ଫେରେଇ ନଦେଇ ତାଙ୍କ ପାରିବାରର ସବୁଠୁ ଗେଲା ଛୋଟ ସଦସ୍ୟ କୁକୁର ଟମିକୁ ତ ଦିଆଯାଇପାରିଥାନ୍ତା !ସ୍ୱାମୀଙ୍କ ଚିନ୍ତାର କାରଣ ଜାଣିପାରି ସ୍ତ୍ରୀ କହିଲେ ବ୍ୟସ୍ତ ହୁଅନାହିଁ ସରକାର କୁକୁରମାନଙ୍କ ଜୀବନର ମୋଡ଼ ବଦଳେଇ ତାଙ୍କ ଥଇଥାନ ପାଇଁ ଚିନ୍ତା କରୁଛନ୍ତି। ସୁଦାମ ଭାବୁଥିଲେ ମଣିଷର ଆଚରଣ ଓ ଉଚ୍ଚାରଣରେ ପରିବର୍ତ୍ତନ ନଘଟିଲେ ମୋଡ଼ ବଦଳିପାରେ କିନ୍ତୁ ହୁଏତ ସୁଫଳ ପ୍ରାପ୍ତି ହେବନାହିଁ। କୁକୁର ଚାହେଁ ମଣିଷର ବଳକା ଖାଦ୍ୟ। ଫୋପାଡି ନଦେଇ ସେମାନଙ୍କୁ ଦେବା କ୍ଷତି କଣ !ଦ୍ୱିତୀୟରେ ଅଯଥା ସେମାନଙ୍କୁ ଟେକା ପଥର ଫିଙ୍ଗିବା, ବାଡ଼ିରେ ବାଡେଇବା, ଲାଙ୍ଗୁଡ଼ରେ ତାଳଫୋଟକା ବାଣ ବାନ୍ଧି ଓ ନିଆଁ ସଂଯୋଗ କରି ଫୁଟାଇ ଡରାଇବା କଣ ଦରକାର। ଏସବୁ ଆଚରଣ ସ୍ଥଗିତ ଦିଗରେ ମଣିଷର ମାନସିକତାରେ ପରିବର୍ତ୍ତନର ମୋଡ଼ ସହ ସେମାନଙ୍କୁ ଗରମ ପାଣି କି ତେଲ ନଫିଙ୍ଗି ବରଂ ତାଙ୍କ ଛୋଟ ମୋଟ ସ୍ୱାସ୍ଥ୍ୟରକ୍ଷା ପାଇଁ ପଶୁଡାକ୍ତରମାନେ ସହାୟକ ହୁଅନ୍ତେ ତେବେ ନିଶ୍ଚୟ ଶ୍ୱାନମାନଙ୍କ ଜୀବନର ମୋଡ଼ ବଦଳି ଯାଆନ୍ତା। ସେମାନଙ୍କ କ୍ଷୁଦ୍ର ମସ୍ତିଷ୍କ ସକ୍ରିୟ ହୁଅନ୍ତା। ତାଙ୍କ ଭିତରେ ଆକ୍ରମଣାତ୍ମକ ମନୋଭାବ ପରିବର୍ତ୍ତେ ସେହି ସ୍ୱର୍ଗୀୟ ବିଶ୍ୱସ୍ତ ରହିବା ଗୁଣ ଆହୁରି ବିକଶିତ ହୁଅନ୍ତା.

ଯୋଉ ଗଳି କନ୍ଦିରେ ଯୋଉଠି ଯେଉଁ କୁକୁର ରହିଥିବେ ଦଳ ବାନ୍ଧି ସେହି ଏରିଆରେ ଅନ୍ୟ କୋଉ ନୂଆ କୁକୁର ଆସିଲେ ସେମାନେ ଏମିତି ବିରୋଧ କରନ୍ତି ଯେ ନୂଆ କୁକୁରକୁ ଦଳରେ ମିଶେଇ ଦିଅନ୍ତି ନାହିଁ। ତ ନୂଆ କୁକୁରଟି ଲାଙ୍ଗୁଡ଼ ଜାକି ପଳେଇଯାଏ ବା କୁଁ କୁଁ ହେଇ ନେହୁରା ହେଉଥାଏ। ସତେ ଯେମିତି କହୁଥାଏ ମତେ ନିଜ ଜାତିର ଭାବି ତୁମ ଦଳରେ ମିଶାଇ ଦିଅ ଦେଖିବ ମୁଁ ଦିନେ ତୁମ ସାଙ୍ଗ ହୋଇ ତୁମ ଅନୁଗତ ରହିବି। ପୁରୁଣା ଦଳ କୁକୁମାନେ ମାନନ୍ତି ନାହିଁ ସହଜରେ। ଦାନ୍ତ ନିକୁଟି ନୂଆ ଆସିଥିବା କୁକୁରକୁ ଏମିତି ସତ୍କାରନାମରେ ବିରୋଧ କରନ୍ତି ବିଚରା ଅନ୍ୟ କୋଉଠୁ ଆସିଥିବା କୁକୁରଟି କେଉଁ ପଳାଏ ଏରିଆ ଛାଡ଼ି ତ କେଉଁ କୁଁ କୁଁ ହେଉଥାଏ। ଏମିତି ଗୋଟେ କୁକୁରର କୁଁ କୁଁ ଯନ୍ତ୍ରଣା କାତର ସ୍ୱର ଶୁଭୁଥିଲା ରାତି ସାରା ଦାସବାବୁଙ୍କ ଘରକୁ ତ ତାଙ୍କ ସ୍ତ୍ରୀ ସିନା ଉପରୋକ୍ତ କଥା ସବୁ ଭାବୁଥିଲେ କିନ୍ତୁ ଦାସ ବାବୁ ଶୋଇନପାରି ଦାନ୍ତ ରଗଡୁ ରଗଡୁ ଭାବୁଥିଲେ ସକାଳେ ବୁଝୁଛି ତୋ କଥା !

ସକାଳ ହେଲା। ସବୁଦିନ ଭଳି କାଉର କା କା ଶବ୍ଦ ସାଙ୍ଗକୁ ପାଣି ଟ୍ୟାପରୁ ଝରିଆସୁଥିବା ପାଣିର ଶବ୍ଦ ସବୁ ପ୍ରତିଧ୍ୱନିତ୍ୱ ହେଉଥିଲା ଘର, ଅଗଣା, ବଗିଚା ତ ଦାସବାବୁ ଚାଲିଲେ ବଗିଚା ଆଡ଼େ। ଦେଖିଲା ବେଳକୁ ସେଠି କୁନା କେତେବେଳୁ ଉଠି ରାତି ସାରା କୁଁ କୁଁ ହେଉଥିବା କୁକୁରଟିର ସେବା କରିବା ପାଇଁ ବେଟାଡାଇନ, ଅଖା, କିଛି ବିସ୍କୁଟ ଓ କ୍ଷୀର ଧରି ଆସିଛି ତା ପାଖକୁ। ପ୍ରଥମେ କୁନା ଆଖିରେ ଆଖି ମିଶେଇ କୁକୁରଟି ବିଶ୍ୱାସ କରିପାରୁନଥିଲା ଇଏ ତାର ପୂର୍ବ କୁକୁର ମାନଙ୍କ ପରି ତାକୁ ଆହୁରି କ୍ଷତାକ୍ତ କରିବାକୁ ଆସିଛି ଶତୃ ଭାବି ନା ଆଉ କିଛି ! କୁକୁରଟି ବେଶି ବେଶି କୁଁ କୁଁ ହେଲାବେଳକୁ ବାପା ଦାସବାବୁ ସେଇଠି ପହଁଞ୍ଚି ଯାଇଥିଲେ। ଏତେ ଖଣ୍ଡିଆ ଖାବେରା ଅବସ୍ଥାରେ ମଧ୍ୟ କୁକୁରଟି ଉଠିପଡ଼ି ପଳେଇବାକୁ ବସିଥିଲା ତ ମନ ବଦଳିଗଲା ଦାସ ବାବୁଙ୍କର। ଆଖିର ରଙ୍ଗ ବଦଳିଗଲା ତ ଚୁ ଚୁ ଡାକୁଥିଲେ ପୁଅ କୁନା ସହ। ତାଙ୍କ ଆଖିର ଦୟା କୁକୁରର ସମଗ୍ର ପ୍ରାଣକୁ ଖେଦି ଗଲା ଯେମିତି। ପଳେଇ ନଯାଇ ଶୋଇ ରହିଲା କୁକୁରଟି। କୁନା ଔଷଧ ଲଗେଇ ଦେବାରୁ ତା ହାତରୁ ବିସ୍କୁଟ ଖାଉଥିଲା ଓ କ୍ଷୀର ପିଇ ଆରାମରେ ଶୋଇଯାଇଥିଲା। ସତରେ ବିଶ୍ୱାସ ରେ ନିଶ୍ୱାସ ନେବାକୁ ହେଲେ ଆଖିରୁ ଆତ୍ମାକୁ ବିଶ୍ୱାସ ସଞ୍ଚରି ଗଲେ ବନ୍ଧୁତା ଓ ନିଜର ପଣିଆ ସୃଷ୍ଟି ହୁଏ ବୋଲି ଦାସ ବାବୁ ପୁଣି ଅନୁଭବ କରିବା ବେଳେ ମୁନା ଆଖିରେ ମଧ ସେଇ ଭାବ ଦେଖି ତା ମୁଣ୍ଡ ଆଉଁସି ଦେଉଥିଲେ ବାପା ଦାସବାବୁ। ଶୋଇପଡ଼ିଥିଲା କୁକୁରଟି ନିଶ୍ଚିନ୍ତରେ.ମୁନା ଅଖା ପାରି ଅଖା ଘୋଡେଇ ଦେଇଥିଲା କୁକୁରଟିକୁ।

କୁକୁରଟି ଆସ୍ତେ ଆସ୍ତେ ସୁସ୍ଥ ତଥା ବିଶ୍ୱସ୍ତ ହୋଇ ନାଁଟିଏ ପାଇଗଲା ଟମି ଆଉ ମୁନା ପଛେ ପଛେ ବଗିଚା ସାରା ଗୋଡାଉ ଗୋଡାଉ ହେଇଗଲା ପୋଷା। ଘରକୁ ଆସୁଥିବା ଲୋକଙ୍କ ଆଖିକୁ ଚାହିଁ ପ୍ରାଣକୁ ଛୁଇଁ ଯାଉଥିଲା ତାର କିଏ ମିତ୍ର କିଏ ଶତୃ। ଅସୁବିଧା ହେଲା କାହାକୁ ଭୁଲିଲା ତ କାହା ଦେହରେ ଲାଙ୍ଗୁଡ଼ ଘଷିଲା। ଘରକୁ ଆସୁଥିବା ଲୋକେ ବୁଝିଗଲେ ବି ଦୁଆର ଆଗ ଦେଇ ଯା ଆସ କରୁଥିବା ସେହି ଗଳିର କୁକୁର ଦଳ ଯେମିତି ତା ପ୍ରତି ଅସହିଷ୍ଣୁ ଥିଲେ ସେମିତି ଥିଲେ କେତେକ ଲୋକ। ଯେଉଁମାନେ କି ଦୃଷ୍ଟି ପହଁରେଇ ଆଖିରେ ଆଖି ମିଶାଇବା ବେଳେ ଟମିର ପ୍ରାଣକୁ ଛୁଇଁ ଯାଉଥିଲା କାହା ଚାହାଣୀ କହୁଛି କୋଉ ଭାଷା।

**ସୁନନ୍ଦା ମହାନ୍ତି**
*ସାକ୍ଷୀଗୋପାଳ, ପୁରୀ*

## ନୀଡ଼ ଓ ନିଶ୍ୱାସ

ରାସ୍ତାର ମୋଡ଼େ ମୋଡ଼େ ବଦଳେ
ମଣିଷ ଜୀବନର ଧାରା,
କେତେ ଯେ ଆଶା ଓ ଆକାଂକ୍ଷା ନେଇ
ଖୋଜୁଥାଏ ନିଜର କୂଳକିନାରା।
ଅନ୍ଧାର ରାତିର ଗହନ ଗର୍ଭରୁ
ଉଦିତ ହୁଏ ନୂଆ ଭୋର,
ସ୍ରଷ୍ଟାର ବିଚାରେ ବଦଳିଯାଏ
ସବୁ ଅଭିମାନ ଓ ସଂଶୟର ଡୋର।
କେବଳ ନିଜ ପାଇଁ ଜିଇଁବା ନୁହେଁ
ଜୀବନର ସତ୍ୟ ବିଚାର,
ଅସହାୟ ପ୍ରାଣୀର ଯନ୍ତ୍ରଣା ବୁଝିବା
ମଣିଷପଣିଆର ଆଧାର।
ଅବୋଧ ପ୍ରାଣୀର ଆଖିର ଚାହାଣୀ
ପଢ଼ିପାରେ ଯିଏ ନିରବେ,
ସେହି ସ୍ନେହ ସିଚିତ ହୃଦୟ ମାଟିରେ
ଦୟାର କଳିକା ଫୁଟେ।
ମାଟିର ଦେହରେ ଆତ୍ମା ଯେବେ
ବିଶ୍ୱାସର ନିଶ୍ୱାସ ନିଏ,
ଶତ୍ରୁତା ସବୁ ଦୂରେଇ ଯାଏ
ବନ୍ଧୁତାର ହାତ ବଢ଼ିଯାଏ।
ଟେକା ଓ ପଥର ଆଘାତ ଦେଇ
କାହାକୁ କରିବା ନାହିଁ ଦୁଃଖୀ,
ମାତ୍ର ଟିକିଏ ସ୍ନେହ ଓ ଆଦର ଦେଲେ
ଜଗତ ହୋଇବ ସୁଖୀ।
କଳିର ସମସ୍ତ କଳୁଷ ଭିତରେ
ସ୍ନେହ ହିଁ ସତ୍ୟର ଆଲୋକ,
ଶ୍ରଦ୍ଧାର ସୁବାସେ ମହକି ଉଠିବ
ଏ ମାନବ ମର୍ତ୍ତ୍ୟଲୋକ।
ଯୁଗ ବଦଳିବ, ସମୟ ବଦଳିବ
ବଦଳିବ ଜୀବନର ମୋଡ଼,
ଭଲପାଇବାର ସୂତାଖିଅରେ
ତିଷ୍ଠି ରହିବ ଏ ନୀଡ଼।

**ମହେଶ୍ୱର ବରାଳ**
ତୁମୁଡ଼ିବନ୍ଧ, ମାଲକାନଗିରି

## ଜୀବନର ନଦୀ

ଜୀବନ ତ ନୁହେଁ ଫୁଲର ସେଜ
ନାହିଁ ସବୁଠାରେ ସୁଖର ଗାଁ,
କଣ୍ଟାବୁଦା ବାଟେ ଚାଲିବାକୁ ହୁଏ
ସହି ସୂର୍ଯ୍ୟର ଉତ୍ତାପ ଓ ଖରା।
ତଥାପି ମଣିଷ ରଖିଥାଏ ଆଶା
ଆସିବ ଦିନେ ସୁଦିନ,
ଦୁଃଖର କଳାମେଘ ଦୂରେଇ ଯିବ
ଫିଟିବ ସୁନା ଆଲୋକର ଦିନ।
ନଦୀ ଯେସନେ ବହିଯାଏ ସଦା
ଭାଙ୍ଗି ପାହାଡ଼ ଓ ପଥର ଛାତି,
ଅଟକି ନଯାଇ ଆଗେଇ ଚାଲେ
ସହି ପ୍ରକୃତିର ସବୁ ନୀତି।
ସେହିପରି ମଣିଷ ସହିବାକୁ ହେବ
ଜୀବନର ଯେତେ ଝଡ଼ ଓ ତୋଫାନ,
ଧୈର୍ଯ୍ୟର ସାଥେ ସାମ୍ନା କଲେ
ମିଳିବ ବିଜୟର ପ୍ରତିଦାନ।
କାହାରି ଆଖିରେ ଲୁହ ନ ଦେଇ
ବାଣ୍ଟିବା ସ୍ନେହର ହସ,
ସ୍ୱାର୍ଥର ଦୁନିଆରେ ନିଶ୍ୱାର୍ଥୀ ହୋଇ
ଗଢ଼ିବା ନୂଆ ଏକ ନିବାସ।
ପ୍ରତିଟି ସକାଳ ଆଣିଦିଏ ସାଥେ
ନୂତନ ସ୍ୱପ୍ନର ସମ୍ଭାବନା,
ଅତୀତକୁ ଭୁଲି ଆଗକୁ ବଢ଼ିବା
ଏହି ତ ସୃଷ୍ଟିର ସତ୍ୟ ଭାବନା।
ବିଫଳତା ହେଉ ସଫଳତାର ସିଢ଼ି
ନ ହେଉ ମନରେ ଭୟ,
ଦୃଢ଼ ବିଶ୍ୱାସ ଓ କର୍ମ ବଳରେ
ନିଶ୍ଚୟ ହେବ ମଣିଷର ଜୟ।

**ରୀତା ମିଶ୍ର**
ବ୍ରହ୍ମପୁର, ଗଞ୍ଜାମ

### ୬ରେ ପଶ୍ଚିମବଙ୍ଗ ଉପନିର୍ବାଚନ

# ଟିଏମ୍‌ସିର ଦୁଇ ଗୋଷ୍ଠୀଙ୍କୁ ପୃଥକ୍ ନାମ ଓ ନିର୍ବାଚନୀ ଚିହ୍ନ



କୋଲକାତା: ଦିନକ ପୂର୍ବରୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଦଳୀୟ ଚିହ୍ନ 'ଘାସ ସହ ଦୁଇ ଫୁଲ'କୁ ଫ୍ରିଜ୍ କରିଥିଲେ କେନ୍ଦ୍ର ନିର୍ବାଚନ ଆୟୋଗ। ମୂଳ ଟିଏମ୍‌ସି ଠାରୁ ପୃଥକ୍ ହୋଇ ଅନ୍ୟ ଏକ ଗୋଷ୍ଠୀ ଗଠନ କରିଥିବା ରତ୍ନବ୍ରତ ବାନାର୍ଜୀ ଏବଂ ମୂଳ ଟିଏମ୍‌ସିର ଅଧିକାର ଦର୍ଶାଇଆସୁଥିବା ମମତା ବାନାର୍ଜୀଙ୍କ ମଧ୍ୟରେ ଦଳର ନାମ ଏବଂ ନିର୍ବାଚନୀ ସଂକେତକୁ ନେଇ ବିବାଦ ଜୋର ଧରିବା ମଧ୍ୟରେ ନିର୍ବାଚନ ଆୟୋଗ ଅନ୍ତରୀଣ ବ୍ୟବସ୍ଥା ଅନ୍ତର୍ଗତ ଏପରି ନିଷ୍ପତ୍ତି ନେଇଥିଲେ। ତେବେ ଏହି ନିଷ୍ପତ୍ତିକୁ ୨୪ ଘଣ୍ଟା ନ ବିତୁଣୁ ଅର୍ଥାତ୍ ଶୁକ୍ରବାର ଦିନ ନିର୍ବାଚନ ଆୟୋଗ ଟିଏମ୍‌ସିର ଦୁଇ ଗୋଷ୍ଠୀକୁ ନୂଆ ନୂଆ ନିର୍ବାଚନୀ ଚିହ୍ନ ତଥା ନାମ ପ୍ରଦାନ କରିଛନ୍ତି। ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଗୋଷ୍ଠୀକୁ 'ମମତା ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ'ର ନାମ ଦିଆଯାଇଥିବା ବେଳେ ନିର୍ବାଚନୀ ଚିହ୍ନ 'ଫୁଟବଲ୍ ଖେଳାଳି' ପ୍ରଦାନ କରିଛନ୍ତି ନିର୍ବାଚନ ଆୟୋଗ। ସେହିପରି ଟିଏମ୍‌ସିର ବିଦ୍ରୋହୀ ଗୋଷ୍ଠୀକୁ 'ଡେମୋକ୍ରାଟିକ୍ ତୃଣମୂଳ କଂଗ୍ରେସ'ର ନାମ ମିଳିଥିବା ବେଳେ ନିର୍ବାଚନୀ ସଂକେତ ଭାବେ 'ଲଫାଫା' ଚିହ୍ନ ମିଳିଛି। ତେବେ ଏହି ନିର୍ବାଚନୀ ସଂକେତ କେବଳ ସ୍ୱଳ୍ପ ସମୟ ପାଇଁ। ମୂଳ ନାମ ଏବଂ ଚିହ୍ନ ଉପରେ କେନ୍ଦ୍ର ନିର୍ବାଚନ ଆୟୋଗ ଚୂଡ଼ାନ୍ତ ନିଷ୍ପତ୍ତି ଆସିବା ବାକି ଅଛି। ମୋଟାମୋଟି ବର୍ତ୍ତମାନ ଉଭୟ ଗୋଷ୍ଠୀ ନୂଆ ଦଳୀୟ ନାମ ଏବଂ ସିମ୍ବଲ୍‌ରେ ଉପ-ନିର୍ବାଚନ ଲଢ଼ିବେ।

ଆସନ୍ତା ମାସ ୬ ତାରିଖରେ ରାଜ୍ୟର ଦୁଇଟି ଆସନ ନନ୍ଦୀଗ୍ରାମ ଏବଂ ରେଜିନଗରରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଅର୍ଥାତ୍ ଉପନିର୍ବାଚନକୁ ଆଉ ମାତ୍ର ୧୭ ଦିନ ବାକି ରହିଥିବା ବେଳେ ଟିଏମ୍‌ସିର ଉଭୟ ଗୋଷ୍ଠୀଙ୍କୁ ନୂଆ ନାମ ଏବଂ ନିର୍ବାଚନୀ ସଂକେତ ମିଳିଛି। ଏହାକୁ ପାଥେୟ କରି ଉଭୟ ଗୋଷ୍ଠୀ ନିଜ ନିଜ ପ୍ରାର୍ଥୀ ଦେବେ। ୨୦୨୬ ବିଧାନସଭା ନିର୍ବାଚନରେ ଶୁଭେନ୍ଦୁ ଅଧିକାରୀ ଉଭୟ ନନ୍ଦୀଗ୍ରାମ ଏବଂ ଭବାନୀପୁର ଆସନରୁ ବିଜୟୀ ହୋଇଥିଲେ ମଧ୍ୟ ପରେ ନିୟମ ଅନୁସାରେ ନନ୍ଦୀଗ୍ରାମ ଆସନ ଛାଡିଥିଲେ। ଫଳରେ ଏହି ଆସନ ଖାଲି ପଡ଼ିଥିଲା। ସେହିପରି ରେଜିନଗର ଆସନରେ ଟିଏମ୍‌ସି ପ୍ରାର୍ଥୀ ହୁମାୟୁନ୍ କବୀର ଓହରିଯିବାରୁ ଏହି ଆସନ ଖାଲି ପଡ଼ିଥିଲା। ଏହି ଦୁଇ ଆସନରେ ବିଧାୟକ ଚୟନ କରିବାକୁ ନିର୍ବାଚନ ଆୟୋଗ ଏହି ଉପନିର୍ବାଚନ କରାଉଛନ୍ତି।

ସୂଚନାଯୋଗ୍ୟ, ଉପନିର୍ବାଚନ ହେବାକୁ ଥିବା ପଶ୍ଚିମବଙ୍ଗର ଦୁଇ ବିଧାନସଭା ଆସନ ନନ୍ଦୀଗ୍ରାମ ଏବଂ ରେଜିନଗର ପାଇଁ ଟିଏମ୍‌ସିର ଉଭୟ ଗୋଷ୍ଠୀ ପ୍ରାର୍ଥୀ ଦେଇସାରିଛନ୍ତି। ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ବିଦ୍ରୋହୀ ଟିଏମ୍‌ସି ଗୋଷ୍ଠୀରୁ ମହମ୍ମଦ ଏତେଶାମୁଲ ହକ୍ ନନ୍ଦୀଗ୍ରାମରୁ ଏବଂ ସଫିଉଦ୍ଦିନ୍ ଶେଖ୍ ରେଜିନଗରରୁ ନିର୍ବାଚନ ଲଢ଼ିବେ। ଅନ୍ୟପଟେ, ମମତା ବାନାର୍ଜୀଙ୍କ ଗୋଷ୍ଠୀ ପକ୍ଷରୁ ନନ୍ଦୀଗ୍ରାମରୁ ସଞ୍ଚିତା ପ୍ରଧାନ (ଦେ) ଏବଂ ରେଜିନଗରରୁ ରବିଉଲ ଆଲମ୍ ଚୌଧୁରୀଙ୍କୁ ପ୍ରାର୍ଥୀ ଘୋଷଣା କରିଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ସଞ୍ଚିତା ପ୍ରଧାନ ଶୁକ୍ରବାର ଦିନ ନିଜର ନାମ ପ୍ରତ୍ୟାହାର କରିନେଇଛନ୍ତି। ସଞ୍ଚିତା ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ତାଙ୍କ ବାସଭବନରେ ଭେଟିବା ପରେ ହିଁ ନିଜ ନାମ ପ୍ରତ୍ୟାହାର କରିଥିଲେ। ଅନ୍ୟପକ୍ଷେ ମମତା ବାନାର୍ଜୀ ଏବେ ବାଧହୋଇ ଏହି ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ମିଲନ୍ ପ୍ରଧାନଙ୍କୁ ସମର୍ଥନ କରିବେ ବୋଲି ଘୋଷଣା କରିଛନ୍ତି। ତେବେ ମମତାଙ୍କ ପକ୍ଷରୁ ମିଲନ୍ ପ୍ରଧାନଙ୍କୁ ସମର୍ଥନ ଘୋଷଣାର କିଛି ସମୟ ମଧ୍ୟରେ ପଶ୍ଚିମବଙ୍ଗ ପୁଲିସ୍ ତାଙ୍କୁ ଗିରଫ କରିଥିବା ସୂଚନା ମିଳିଛି।

# ପାସପୋର୍ଟ ନିୟମ ଓ ଫି'ରେ ବ୍ୟାପକ ସଂଶୋଧନ

ନୂଆଦିଲ୍ଲୀ: ବିଦେଶ ଭ୍ରମଣ ତଥା ପାସପୋର୍ଟ ଆବେଦନକାରୀଙ୍କ ପାଇଁ କେନ୍ଦ୍ର ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି। 'ପାସପୋର୍ଟ (ସଂଶୋଧନ) ନିୟମ, ୨୦୨୬' ଅନୁଯାୟୀ ପାସପୋର୍ଟ ଆବେଦନ ଫି' ଏବଂ ଏହାର ବୈଧତା ସମ୍ପର୍କିତ ନିୟମାବଳୀରେ ବଡ଼ଧରଣର ପରିବର୍ତ୍ତନ ଅଣାଯାଇଛି। ସେପ୍ଟେମ୍ବର ୧୫ ତାରିଖରୁ ଏହି ନୂତନ ନିୟମ ସରକାରୀ ଗେଜେଟ୍‌ରେ ପ୍ରକାଶ ପାଇବା ସହ ସମଗ୍ର ଦେଶରେ କାର୍ଯ୍ୟକାରୀ ହୋଇସାରିଛି। ଏହି ନୂଆ ନିୟମାବଳୀ ପ୍ରଭାବରେ ସାଧାରଣ ପାସପୋର୍ଟ, ତତ୍କାଳ ପାସପୋର୍ଟ ଏବଂ ପୁଲିସ କ୍ଲିୟରାନ୍ସ ସାର୍ଟିଫିକେଟ୍ ସମେତ ବିଭିନ୍ନ ପ୍ରକାରର ପାସପୋର୍ଟ ସେବା ପାଇଁ ଦେବାକୁ ପଡୁଥିବା ଦେୟ ପରିମାଣ ପୂର୍ବାପେକ୍ଷା ବୃଦ୍ଧି ପାଇଛି।

ନୂତନ ନିୟମ ଅନୁସାରେ, ୧୫ ବର୍ଷରୁ କମ୍ ବୟସର ଶିଶୁମାନଙ୍କୁ ପ୍ରଦାନ କରାଯାଉଥିବା ୩୬ ପୃଷ୍ଠାବିଶିଷ୍ଟ ସାଧାରଣ ପାସପୋର୍ଟର ବୈଧତା ଅବଧି ୫ ବର୍ଷ ପର୍ଯ୍ୟନ୍ତ ରହିବ। ତେବେ ଶିଶୁଟି ୧୮ ବର୍ଷ ବୟସରେ ପହଞ୍ଚିବା ପୂର୍ବରୁ ଯଦି ଏହି ୫ ବର୍ଷର ମିଆଦ ଶେଷ ହୋଇଯାଏ, ତେବେ ତାହାକୁ ହିଁ ଶେଷ ବୈଧତା ଭାବେ ଗ୍ରହଣ କରାଯିବ। ଅର୍ଥାତ୍ ୫ ବର୍ଷର ଅବଧି କିମ୍ବା ଆବେଦନକାରୀ ୧୮ ବର୍ଷ ବୟସରେ ପହଞ୍ଚିବା—ଏହି ଦୁଇଟି ସୀମା ମଧ୍ୟରୁ ଯେଉଁଟି ପ୍ରଥମେ ପୂରଣ ହେବ, ସେହି ଅନୁଯାୟୀ ପାସପୋର୍ଟର ସମୟସୀମା ନିର୍ଦ୍ଧାରଣ କରାଯିବ।

ସେହିପରି ବିଭିନ୍ନ ବର୍ଗର ପାସପୋର୍ଟ ଫି'ରେ ମଧ୍ୟ ଯଥେଷ୍ଟ ବୃଦ୍ଧି କରାଯାଇଛି। ବୟସ୍କ ଆବେଦନକାରୀଙ୍କ ପାଇଁ ୩୬ ପୃଷ୍ଠାର ସାଧାରଣ ପାସପୋର୍ଟ ଫି' ପୂର୍ବରୁ ୧,୫୦୦ ଟଙ୍କା ଥିବା ବେଳେ ଏବେ ତାହା ୨,୫୦୦ ଟଙ୍କାକୁ ବୃଦ୍ଧି ପାଇଛି। ୬୦ ପୃଷ୍ଠାର ସାଧାରଣ ପାସପୋର୍ଟ ଦେୟ ୨,୦୦୦ ଟଙ୍କାରୁ ବଢ଼ାଯାଇ ୩,୫୦୦ ଟଙ୍କା କରାଯାଇଛି। ଜରୁରୀକାଳୀନ ଆବଶ୍ୟକତା ପାଇଁ ୩୬ ପୃଷ୍ଠାର ତତ୍କାଳ ପାସପୋର୍ଟ ଫି' ୩,୫୦୦ ଟଙ୍କା ବଦଳରେ ୫,୦୦୦ ଟଙ୍କା ଏବଂ ୬୦ ପୃଷ୍ଠାର ତତ୍କାଳ ପାସପୋର୍ଟ ପାଇଁ ୪,୦୦୦ ଟଙ୍କା ଜାଗାରେ ୬,୦୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହାଛଡ଼ା ୬୦ ପୃଷ୍ଠାର ପାସପୋର୍ଟ ହଜିଯିବା କିମ୍ବା ନଷ୍ଟ ହୋଇଯିବା କାରଣରୁ ତତ୍କାଳ ପରିବର୍ତ୍ତୀ ପାସପୋର୍ଟ ଲୋଡୁଥିବା ବ୍ୟକ୍ତିଙ୍କୁ ଏବେ ୫,୫୦୦ ଟଙ୍କା ପରିବର୍ତ୍ତେ ୮,୫୦୦ ଟଙ୍କା ଦେବାକୁ ପଡ଼ିବ।

ନାବାଳକ ଆବେଦନକାରୀଙ୍କ ପାଇଁ ମଧ୍ୟ ନୂତନ ଫି' ଲାଗୁ ହୋଇଛି। ୩୬ ପୃଷ୍ଠାବିଶିଷ୍ଟ ନୂତନ କିମ୍ବା ପୁନଃପ୍ରଦାନ ପାସପୋର୍ଟ ଫି' ୧,୦୦୦ ଟଙ୍କାରୁ ବଢ଼ି ୧,୭୫୦ ଟଙ୍କା ହୋଇଥିବା ବେଳେ ତତ୍କାଳ ପାସପୋର୍ଟ ପାଇଁ ୩,୦୦୦ ଟଙ୍କା ସ୍ଥିର କରାଯାଇଛି। ତେବେ ସରକାରଙ୍କ ପକ୍ଷରୁ କିଛି ନିର୍ଦ୍ଦିଷ୍ଟ ବର୍ଗକୁ ଆଶ୍ୱାସନା ମଧ୍ୟ ଦିଆଯାଇଛି। ୮ ବର୍ଷରୁ କମ୍ ବୟସର ଶିଶୁ ଏବଂ ୬୦ ବର୍ଷରୁ ଅଧିକ ବୟସର ବରିଷ୍ଠ ନାଗରିକମାନେ ପ୍ରଥମ ଥର ପାଇଁ ନୂତନ ପାସପୋର୍ଟ ଆବେଦନ କଲାବେଳେ ସେମାନଙ୍କୁ ନିର୍ଦ୍ଧାରିତ ଫି' ଉପରେ ୧୦ ପ୍ରତିଶତ ରିହାତି ପ୍ରଦାନ କରାଯିବ। ଏହି ସାହାଯ୍ୟ କେବଳ ପ୍ରଥମ ଥର ଆବେଦନ କରୁଥିବା ନୂତନ ପାସପୋର୍ଟ କ୍ଷେତ୍ରରେ ହିଁ ଲାଗୁ ହେବ ବୋଲି ସ୍ପଷ୍ଟ କରାଯାଇଛି।

# ମସ୍‌ଜିଦରେ ଆତ୍ମଘାତୀ ବିସ୍ଫୋରଣ, ୨୭ ମୃତ

ଇସଲାମାବାଦ: ପାକିସ୍ତାନର ଅଶାନ୍ତ ଉତ୍ତର-ପଶ୍ଚିମାଞ୍ଚଳସ୍ଥିତ ଏକ ମସ୍‌ଜିଦରେ ଆତ୍ମଘାତୀ ବିସ୍ଫୋରଣ ଏବଂ ପରବର୍ତ୍ତୀ ଗୁଳିବିନିମୟରେ ଅତିକମରେ ୨୭ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୬ ଜଣ ସାଧାରଣ ନାଗରିକ ଏବଂ ୧୫ ଜଣ ପୁଲିସ କର୍ମଚାରୀ ଅଛନ୍ତି। ଏହି ଆକ୍ରମଣରେ ପାଖାପାଖି ୭୦ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ପ୍ରକାଶ ପାଇଛି। ଆଫଗାନିସ୍ତାନ ସୀମାନ୍ତ ଖାଇବର ପାଖତୁନଖ୍ୱା ପ୍ରଦେଶର କୋହାଟସ୍ଥିତ ପୁଲିସ ମୁଖ୍ୟାଳୟ ମସଜିଦରେ ଶୁକ୍ରବାର ନମାଜ ପାଇଁ ଲୋକେ ଏକତ୍ରିତ ହୋଇଥିବା ବେଳେ ଏକ ବିସ୍ଫୋରକ ଭର୍ତ୍ତି କାରକୁ ମସଜିଦର ପ୍ରବେଶ ଦ୍ୱାରରେ ପିଟି ଦିଆଯାଇଥିଲା। ତେହରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି)ର ଏକ ଗୋଷ୍ଠୀ ହାଫିଜ ଗୁଲ ବାହାଦୁର ପରିଚାଳିତ 'ଇତ୍ତେହାଦୁଲ ମୁଜାହିଦ୍ଦୀନ' ଏହି ଆତ୍ମଘାତୀ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ବିସ୍ଫୋରଣରେମସଜିଦ ଭିତରେ ଥିବା ଅନେକ ଲୋକ ଆହତ ହୋଇଥିଲେ। ବିସ୍ଫୋରଣର ତୀବ୍ରତା ଏତେ ଅଧିକ ଥିଲା ଯେ, ମସଜିଦ ବାହାରେ ଏକ ବଡ଼ ଗାତ ସୃଷ୍ଟି ହୋଇଥିବା ପୁଲିସ କହିଛି। ପ୍ରାଦେଶିକ ପୋଲିସ ମୁଖ୍ୟ ଜୁଲଫିକାର ହାମିଦ ବିସ୍ଫୋରଣଟି ଏକ ଆତ୍ମଘାତୀ ଆକ୍ରମଣ ବୋଲି ନିଶ୍ଚିତ କରିଛନ୍ତି। ବିସ୍ଫୋରଣ ପରେ ବନ୍ଧୁକଧାରୀମାନେ ପୁଲିସ ମୁଖ୍ୟାଳୟ ପରିସର ମଧ୍ୟକୁ ପଶିବାକୁ ଚେଷ୍ଟା କରିଥିଲେ ଏବଂ ପୁଲିସ ସହ ଗୁଳିବିନିମୟ ହୋଇଥିଲା।

# 'ସେମିକଣ୍ଡକ୍ଟର ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟରେ ଭାରତ'

ନୂଆଦିଲ୍ଲୀ: ନୂଆଦିଲ୍ଲୀ ସ୍ଥିତ 'ଯଶୋଭୂମି କନ୍‌ଭେନ୍‌ସନ୍ ସେଣ୍ଟର୍'ରେ 'ସେମିକନ୍ ଇଣ୍ଡିଆ ୨୦୨୬'ର ୫ମ ସଂସ୍କରଣ ଆୟୋଜିତ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ପ୍ରଦର୍ଶନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୋଦୀ ନିଜ ସମ୍ବୋଧନରେ କହିଛନ୍ତି ଯେ 'ସେମିକଣ୍ଡକ୍ଟର ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟରେ ପାଦ ଥାପିଛି ଭାରତ। ଯାହା ମାଧ୍ୟମରେ ଭାରତ ଏବେ ପ୍ରାରମ୍ଭିକ ଭିତ୍ତିଭୂମି ନିର୍ମାଣରୁ ବ୍ୟାବସାୟିକ ଚିପ୍ ଉତ୍ପାଦନ ଆଡ଼କୁ ଅଗ୍ରସର ହେଉଛି। ଯେଉଁ କାମ ପାଇଁ ସାଧାରଣତଃ ଗୋଟିଏ ଦଶନ୍ଧି ଲାଗିଥାଏ, ଭାରତ ତାହା ମାତ୍ର ୪ ବର୍ଷରେ ହାସଲ କରିଛି।' ମୋଦୀଙ୍କ କହିବାନୁସାରେ ବିଶ୍ୱସ୍ତରୀୟ ସପ୍ଲାଇ ଚେନ୍‌ରେ ଦେଖାଦେଉଥିବା ଅସ୍ଥିରତାକୁ ଦୃଷ୍ଟିରେ ରଖି ବିଶ୍ୱକୁ ଏକ ବିଶ୍ୱସନୀୟ ଉତ୍ପାଦନ କେନ୍ଦ୍ରର ଆବଶ୍ୟକତା ରହିଛି। ଭାରତ ନିଜକୁ ବିଶ୍ୱର ଏକ ଆସ୍ଥାଭାଜନ ଚିପ୍ ଗନ୍ତବ୍ୟସ୍ଥଳ ଭାବେ ଗଢ଼ିତୋଳୁଛି।

'ସିଲିକନ୍‌ରୁ ସିଷ୍ଟମ୍: ପରିସଂସ୍ଥାର ନିର୍ମାଣ' ବିଷୟବସ୍ତୁ ଉପରେ ଆଧାରିତ ଏହି ୩ ଦିନିଆ ସମ୍ମିଳନୀରେ ବିଶ୍ୱର ପ୍ରମୁଖ ଟେକ୍ନୋଲୋଜି ନେତା, ନୀତି ନିର୍ଦ୍ଧାରକ ଏବଂ ନିବେଶକମାନେ ଏକାଠି ହୋଇଛନ୍ତି। ସେହିପରି ଏହି ସମ୍ମିଳନୀରେ ୩୦୦ଟି ଅନ୍ତର୍ଜାତୀୟ କମ୍ପାନୀ ସମେତ ୬୦୦ରୁ ଅଧିକ ପ୍ରଦର୍ଶକ ଭାଗ ନେଉଛନ୍ତି। ୧୫,୦୦୦ ବର୍ଗ ମିଟର ପରିମିତ ଏହି ପ୍ରଦର୍ଶନୀରେ ୧୫୦ରୁ ଅଧିକ ବକ୍ତା ନିଜର ବକ୍ତବ୍ୟ ରଖିବେ। ଏଥିରେ ୬ଟି ଦେଶ (ଜାପାନ, ଦକ୍ଷିଣ କୋରିଆ, ମଲେସିଆ, ନେଦରଲ୍ୟାଣ୍ଡ, ସିଙ୍ଗାପୁର ଏବଂ ସ୍ୱିଡେନ)ର ସ୍ୱତନ୍ତ୍ର ପାଭିଲିୟନ୍ ଏବଂ ୧୨ଟି ରାଜ୍ୟ ସରକାରଙ୍କ ପାଭିଲିୟନ୍ ସାମିଲ ରହିଛି। ଏତଦ୍‌ବ୍ୟତୀତ ଏହି ପ୍ରଦର୍ଶନୀରେ ଷ୍ଟାର୍ଟଅପ୍, ଛାତ୍ରଛାତ୍ରୀଙ୍କ ପାଇଁ ଦକ୍ଷତା ବିକାଶ ପାଇଁ ହାକାଥନ୍ (ଇଂଜିନିୟରିଂ ପ୍ରତିଯୋଗିତା) ଏବଂ ସେମିକଣ୍ଡକ୍ଟର କ୍ଷେତ୍ରରେ ଦକ୍ଷ ମାନବସମ୍ବଳ ବିକାଶ ପରେ ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ୧.୨୭ ଲକ୍ଷ କୋଟି ଟଙ୍କାର ସେମିକନ୍ ୨.୦ ଯୋଜନା ଉପରେ ଆଲୋକପାତ କରାଯାଇଛି, ଯାହା କେବଳ ଆସେମ୍ବଲି ଏବଂ ଟେଷ୍ଟିଂ ମଧ୍ୟରେ ସୀମିତ ନରହି କଞ୍ଚାମାଲ, ଚିପ୍ ଡିଜାଇନ୍, ଯନ୍ତ୍ରପାତି ନିର୍ମାଣ ଏବଂ ଉଚ୍ଚସ୍ତରୀୟ ଗବେଷଣା ଉପରେ ଧ୍ୟାନ ଦେବ। ବାଲିରୁ ସିଲିକନ୍ ୱାର୍ଫ, ଚିପ୍ ଏବଂ ସମ୍ପୂର୍ଣ୍ଣ ଇଲେକ୍ଟ୍ରୋନିକ୍ସ ସିଷ୍ଟମ୍ ତିଆରି ହେବାର ଏକ ଜୀବନ୍ତ ପ୍ରଦର୍ଶନୀ ଏଥିରେ ପ୍ରଦର୍ଶିତ ହେବ। ପ୍ରାୟ ୪୦ଟି ମାଇକ୍ରୋ-ଇଲେକ୍ଟ୍ରୋନିକ୍ସ ଷ୍ଟାର୍ଟଅପ୍ ନିଜ ନୂତନ ଜ୍ଞାନକୌଶଳ ପ୍ରଦର୍ଶନ କରିବେ।

# ୬ଷ୍ଠ ଶ୍ରେଣୀରେ ତ୍ରିଭାଷା ନୀତି କାର୍ଯ୍ୟକାରୀ ସମୟସୀମା ଘୁଞ୍ଚାଇବାକୁ ସୁପ୍ରିମକୋର୍ଟଙ୍କ ପରାମର୍ଶ

ନୂଆଦିଲ୍ଲୀ: ଦେଶର କୋମଳମତି ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ପାଠପଢ଼ାର ମାନସିକ ଚାପରୁ ମୁକ୍ତ ରଖିବା ଏବଂ ସେମାନଙ୍କୁ ସହଜ ଶିକ୍ଷାଦାନ ବାତାବରଣ ଯୋଗାଇଦେବା ଉଦ୍ଦେଶ୍ୟରେ ଉଚ୍ଚତମ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଆଗାମୀ ୨୦୨୭ ଶିକ୍ଷାବର୍ଷରୁ ୬ଷ୍ଠ ଶ୍ରେଣୀ ପାଇଁ ୨ଟି ଭାରତୀୟ ସ୍ଥାନୀୟ ଭାଷା ସହିତ ମୋଟ ୩ଟି ଭାଷା ଅଧ୍ୟୟନକୁ ବାଧ୍ୟତାମୂଳକ କରୁଥିବା ନୂତନ ଶିକ୍ଷାନୀତିର କାର୍ଯ୍ୟକାରିତାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖିବାକୁ କୋର୍ଟ ପରାମର୍ଶ ଦେଇଛନ୍ତି। ଏହି ନିୟମକୁ ତୁରନ୍ତ ଲାଗୁ ନକରି ଏହାର ସମୟସୀମାକୁ ଆଗାମୀ ବର୍ଷ ପର୍ଯ୍ୟନ୍ତ ଘୁଞ୍ଚାଇବା ବିଷୟରେ ଗମ୍ଭୀରତାର ସହ ବିଚାର ବିମର୍ଶ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ଓଡ଼ିଶାରେ ହେବ ୩ଡି ପ୍ୟାକେଜିଂ ୟୁନିଟ୍

ନୂଆଦିଲ୍ଲୀ: କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ 'ସେମିକନ୍ ଇଣ୍ଡିଆ ୨୦୨୬' ସମ୍ମିଳନୀରେ ଭାରତର 'ସେମିକନ୍ ଇଣ୍ଡିଆ ୨.୦' ଯୋଜନାର ରୂପରେଖ ସମ୍ପର୍କରେ ଘୋଷଣା କରିଛନ୍ତି। ଶ୍ରୀ ବୈଷ୍ଣବ କହିଛନ୍ତି ଯେ ୨ୟ ପର୍ଯ୍ୟାୟରେ ସେମିକଣ୍ଡକ୍ଟର ନିର୍ମାଣ ଯନ୍ତ୍ରପାତି ଓ ସାମଗ୍ରୀ ପାଇଁ ୫ ବିଲିୟନ୍ ଆମେରିକୀୟ ଡଲାର ନିବେଶ କରାଯିବ ଯାହା ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ସେହିପରି ସେମିକଣ୍ଡକ୍ଟର ଉତ୍ପାଦନ କ୍ଷେତ୍ରରେ ଅଧିକ ମାନୁଫାକ୍‌ଚରିଂ ୟୁନିଟ ସ୍ଥାପନକୁ ସହାୟତା କରାଯିବ। ଏଥିରେ ସିଲିକନ୍ ୱେଫର ଫ୍ୟାବ୍, କମ୍ପାଉଣ୍ଡ ସେମିକଣ୍ଡକ୍ଟର ଓ ଫୋଟୋନିକ୍ସ ୟୁନିଟ୍, ସେନ୍‌ସର ଏବଂ ଡିସ୍‌ପ୍ଲେ ଫ୍ୟାବ୍ ଆଦି ସାମିଲ ରହିବ। ଅତ୍ୟାଧୁନିକ ପ୍ୟାକେଜିଂ ଏଟିଏମ୍‌ପି ଏବଂ ଓଏସ୍‌ଏଟି ଇକୋସିଷ୍ଟମ୍‌କୁ ସୁଦୃଢ଼ କରିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହା ଅଧୀନରେ ଓଡ଼ିଶାରେ ଏକ ୩ଡି ପ୍ୟାକେଜିଂ ୟୁନିଟ୍ ସ୍ଥାପନ କରାଯାଉଛି। ଶିଳ୍ପସଂସ୍ଥା ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ସିଧାସଳଖ ସହଯୋଗ ମାଧ୍ୟମରେ ବ୍ୟାବହାରିକ ଗବେଷଣାକୁ ପ୍ରୋତ୍ସାହନ ଦେବା ସରକାରଙ୍କ ପ୍ରାଥମିକତା ରହିଛି।



# ଭବିଷ୍ୟତ ପାଇଁ ସର୍ବୋତ୍ତମ କ୍ୟାରିଅର

୨୦୨୬ ମସିହାରେ ଏକ ସୁରକ୍ଷିତ, ସ୍ଥାୟୀ ଏବଂ ଉନ୍ନତ ଭବିଷ୍ୟତ ଗଢ଼ିବା ପାଇଁ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ଶ୍ରେଷ୍ଠ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଥିବା ୧୨ଟି ପ୍ରମୁଖ କ୍ୟାରିଅର୍ ବିଷୟରେ ଜାଣିବା ଅତ୍ୟନ୍ତ ଆବଶ୍ୟକ। ଏହି କ୍ୟାରିଅର୍‌ଗୁଡ଼ିକରେ ୨୦୩୪ ମସିହା ପର୍ଯ୍ୟନ୍ତ ପ୍ରଚୁର ନିଯୁକ୍ତି ସମ୍ଭାବନା ରହିଛି। ଏହି କ୍ଷେତ୍ରଗୁଡ଼ିକ କେବଳ ଉଚ୍ଚ ଦରମା ପ୍ରଦାନ କରନ୍ତି ନାହିଁ, ବରଂ ଆର୍ଥିକ ମନ୍ଦାବସ୍ଥା ସମୟରେ ମଧ୍ୟ ସୁରକ୍ଷିତ ରହିଥାନ୍ତି। ଏଗୁଡ଼ିକ ମଧ୍ୟରୁ କେତେକ କ୍ଷେତ୍ରରେ ବିନା କୌଣସି କଲେଜ ଡିଗ୍ରୀରେ ପ୍ରବେଶ କରାଯାଇପାରୁଥିବା ବେଳେ ଅନ୍ୟ କେତେକରେ ଘରେ ବସି କାମ କରିବାର ସୁବିଧା ମଧ୍ୟ ମିଳିଥାଏ।

ଏହି କ୍ୟାରିଅର୍ ସୁଯୋଗଗୁଡ଼ିକ ମଧ୍ୟରେ ଘରୋଇ ସ୍ୱାସ୍ଥ୍ୟ ଏବଂ ବ୍ୟକ୍ତିଗତ ଯତ୍ନ ସହାୟକ କାର୍ଯ୍ୟ ସବୁଠାରୁ ଅଗ୍ରଣୀ ଅଟେ, କାରଣ ଏଥିରେ ନୂତନ ପଦବୀ ସଂଖ୍ୟା ସବୁଠାରୁ ଅଧିକ। ଏଥିପାଇଁ କୌଣସି ବିଶେଷ କଲେଜ ଡିଗ୍ରୀର ଆବଶ୍ୟକତା ପଡ଼ିନଥାଏ, ଏବଂ କେବଳ ଆବଶ୍ୟକୀୟ ତାଲିମ ସହିତ ରୋଗୀଙ୍କ ସେବା କରି ବାର୍ଷିକ ୪୪,୧୯୦ ଡଲାର ପର୍ଯ୍ୟନ୍ତ ଆୟ କରାଯାଇପାରେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟ କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ ଏହା ଏକ ଦ୍ରୁତ ଓ ସହଜ ପଥ ଅଟେ, ଯାହାକୁ ପରବର୍ତ୍ତୀ ସମୟରେ ଉଚ୍ଚ ଶିକ୍ଷା ମାଧ୍ୟମରେ ନର୍ସିଂ କ୍ଷେତ୍ରକୁ ପଦୋନ୍ନତି କରିବାରେ ବ୍ୟବହାର କରାଯାଇପାରିବ।

ବ୍ୟବସାୟ ଓ ପରିଚାଳନା କ୍ଷେତ୍ରରେ ସାଧାରଣ ଏବଂ ପରିଚାଳନା ପ୍ରବନ୍ଧକମାନଙ୍କର ଅତ୍ୟନ୍ତ ଚାହିଦା ରହିଛି। ସଂସ୍ଥାର ଦୈନନ୍ଦିନ କାର୍ଯ୍ୟ, ନୀତି ନିର୍ଦ୍ଧାରଣ ଏବଂ କର୍ମଚାରୀଙ୍କ ପରିଚାଳନା ଦାୟିତ୍ୱ ନେଉଥିବା ଏହି ପଦବୀ ପାଇଁ ସାଧାରଣତଃ ସ୍ନାତକ ଡିଗ୍ରୀ ଆବଶ୍ୟକ ହୋଇଥାଏ। ଏହି କ୍ଷେତ୍ରରେ ହାରାହାରି ବାର୍ଷିକ ଦରମା ୧୦୨,୯୫୦ ଡଲାର ହୋଇଥିବା ବେଳେ ଶୀର୍ଷ ୧୦ ପ୍ରତିଶତ କର୍ମଚାରୀ ୨୩୯,୨୦୦ ଡଲାରରୁ ଅଧିକ ଆୟ କରିଥାନ୍ତି।

ପରିବହନ କ୍ଷେତ୍ରରେ ଭାରୀ ଏବଂ ଟ୍ରାକ୍ଟର-ଟ୍ରେଲର୍ ଟ୍ରକ୍ ଚାଳକମାନଙ୍କ ପାଇଁ ପ୍ରତିବର୍ଷ ବିପୁଳ ସଂଖ୍ୟକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥାଏ। ଦେଶସାରା ପଣ୍ୟଦ୍ରବ୍ୟ ପରିବହନ କରୁଥିବା ଏହି ଚାଳକମାନଙ୍କ ପାଇଁ କୌଣସି କଲେଜ ଡିଗ୍ରୀର ଆବଶ୍ୟକତା ନାହିଁ, କେବଳ ବ୍ୟାବସାୟିକ ଚାଳକ ଲାଇସେନ୍ସ ଏବଂ ବୃତ୍ତିଗତ ତାଲିମ ଯଥେଷ୍ଟ। ଏଥିରେ ହାରାହାରି ବାର୍ଷିକ ଦରମା ୫୭,୪୪୦ ଡଲାର ମିଳୁଥିବା ବେଳେ ନିଜସ୍ୱ ଟ୍ରକ୍ ରଖି କଣ୍ଟ୍ରାକ୍ଟର ଭାବେ କାମ କଲେ ଆହୁରି ଅଧିକ ରୋଜଗାର କରିହୁଏ।

ସ୍ୱାସ୍ଥ୍ୟସେବା କ୍ଷେତ୍ରର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କ୍ୟାରିଅର୍ ହେଉଛି ପଞ୍ଜୀକୃତ ନର୍ସ। ଏହି ସେବା ପାଇଁ ଆବଶ୍ୟକୀୟ ଡିଗ୍ରୀ ଏବଂ ଲାଇସେନ୍ସ ପ୍ରାପ୍ତ ନର୍ସମାନେ ବାର୍ଷିକ ହାରାହାରି ୯୩,୬୦୦ ଡଲାର ଆୟ କରିପାରନ୍ତି। ଅନୁକମ୍ପା, ସହନଶୀଳତା ଏବଂ ମାନସିକ ସ୍ଥିରତା ଆବଶ୍ୟକ କରୁଥିବା ଏହି ସେବାରେ ଟ୍ରାଭେଲ୍ ନର୍ସ, ନର୍ସ ପ୍ରାକ୍ଟିସନର୍ କିମ୍ବା ସ୍ପେଶାଲିଷ୍ଟ ଭାବେ କାର୍ଯ୍ୟ କରି ଭବିଷ୍ୟତକୁ ଆହୁରି ସମୃଦ୍ଧ କରିହେବ।

ଶାରୀରିକ ପରିଶ୍ରମ କରିବାକୁ ପସନ୍ଦ କରୁଥିବା ଲୋକଙ୍କ ପାଇଁ ନିର୍ମାଣ ଶ୍ରମିକ କ୍ୟାରିଅର୍ ଏକ ଉତ୍ତମ ବିକଳ୍ପ। ବିନା ଡିଗ୍ରୀରେ ଶାରୀରିକ ସକ୍ଷମତା ଏବଂ କାର୍ଯ୍ୟସ୍ଥଳୀର ତାଲିମ ଆଧାରରେ ଏହି କାମ କରି ବାର୍ଷିକ ୪୬,୭୩୦ ଡଲାର ଆୟ କରିହୁଏ। ଅଭିଜ୍ଞତା ଓ ଦକ୍ଷତା ବୃଦ୍ଧି ସହିତ ପରବର୍ତ୍ତୀ ସମୟରେ ଫୋରମ୍ୟାନ୍ କିମ୍ବା ସାଇଟ୍ ସୁପରଭାଇଜର୍ ପଦବୀକୁ ଯାଇହୁଏ। ଗଣିତ ଏବଂ ଆର୍ଥିକ ତଥ୍ୟ ବିଶ୍ଳେଷଣରେ ରୁଚି ଥିବା ବ୍ୟକ୍ତିମାନଙ୍କ ପାଇଁ ହିସାବରକ୍ଷକ ଏବଂ ଅଡିଟର କ୍ୟାରିଅର୍ ସର୍ବୋତ୍ତମ। ସ୍ନାତକ ଡିଗ୍ରୀ ଏବଂ ସିପିଏ କିମ୍ବା ସିଏମ୍ଏ ଭଳି ପ୍ରମାଣପତ୍ର ହାସଲ କଲେ କମ୍ପାନୀର ଆର୍ଥିକ ସ୍ୱାସ୍ଥ୍ୟ ସୁରକ୍ଷିତ ରଖିବା ସହ ବାର୍ଷିକ ହାରାହାରି ୮୧,୬୮୦ ଡଲାର ପର୍ଯ୍ୟନ୍ତ ରୋଜଗାର କରାଯାଇପାରିବ।

ଆଧୁନିକ ଯୁଗରେ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ସହ ସଫ୍ଟୱେର୍ ବିକାଶକାରୀଙ୍କ ଚାହିଦା ବୃଦ୍ଧି ପାଇଛି। କୋଡିଂ, ଆପ୍ଲିକେସନ୍ ଓ ସିଷ୍ଟମ୍ ଡିଜାଇନ୍ କରୁଥିବା ଏହି ବୃତ୍ତିଧାରୀମାନେ ବାର୍ଷିକ ୨୧୧,୪୫୦ ଡଲାର ପର୍ଯ୍ୟନ୍ତ ଆୟ କରିପାରନ୍ତି। ଏହି କ୍ଷେତ୍ରରେ ଅନେକ ସଂସ୍ଥା ଘରୁ କାମ କରିବାର ସୁବିଧା ଦେଇଥାନ୍ତି ଏବଂ ଡିଗ୍ରୀ ଅପେକ୍ଷା ବାସ୍ତବ ଦକ୍ଷତାକୁ ଅଧିକ ପ୍ରାଧାନ୍ୟ ଦିଆଯାଏ।

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରଶାସନିକ ଏବଂ ଚିକିତ୍ସା ସମ୍ବନ୍ଧୀୟ ଉଭୟ ଦାୟିତ୍ୱ ତୁଲାଉଥିବା ଚିକିତ୍ସା ସହାୟକମାନେ ପ୍ରତିଷ୍ଠାନଗୁଡ଼ିକର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। କ୍ଷୁଦ୍ରମିଆଦୀ ପ୍ରମାଣପତ୍ର କୋର୍ସ କରି ଏହି କ୍ଷେତ୍ରରେ ବାର୍ଷିକ ୫୭,୮୩୦ ଡଲାର ପର୍ଯ୍ୟନ୍ତ ଅର୍ଜନ କରାଯାଇପାରିବ। ବ୍ୟବସାୟିକ ପ୍ରକ୍ରିୟାକୁ ଅଧିକ ଦକ୍ଷ ଓ ସରଳ କରିବା ପାଇଁ ପରିଚାଳନା ବିଶ୍ଳେଷକମାନେ କାର୍ଯ୍ୟ କରିଥାନ୍ତି। ସ୍ନାତକ କିମ୍ବା ସ୍ନାତକୋତ୍ତର ଡିଗ୍ରୀଧାରୀ ଏହି ପରାମର୍ଶଦାତାମାନେ ବାର୍ଷିକ ୧୭୪,୧୪୦ ଡଲାର ପର୍ଯ୍ୟନ୍ତ ରୋଜଗାର କରିପାରିବେ। ବୈଦ୍ୟୁତିକ କାରିଗର ବା ଇଲେକ୍ଟ୍ରିସିଆନ୍ ଭାବରେ କାର୍ଯ୍ୟ କରିବା ପାଇଁ କୌଣସି କଲେଜ ଡିଗ୍ରୀ ଆବଶ୍ୟକ ହୋଇନଥାଏ। ଆପ୍ରେଣ୍ଟିସିପ୍ କିମ୍ବା ବୈଷୟିକ ତାଲିମ ମାଧ୍ୟମରେ ଲାଇସେନ୍ସ ହାସଲ କରି ବିଦ୍ୟୁତ୍ ବ୍ୟବସ୍ଥା ସ୍ଥାପନ ଓ ମରାମତି କରି ବାର୍ଷିକ ୧୦୬,୦୩୦ ଡଲାର ପର୍ଯ୍ୟନ୍ତ ଆୟ କରିହୁଏ।

ସଂସ୍ଥାର ସମଗ୍ର ଆର୍ଥିକ ନୀତି, ବିନିଯୋଗ ଏବଂ ଭବିଷ୍ୟତର ଯୋଜନା ନିର୍ଦ୍ଧାରଣ କରୁଥିବା ଆର୍ଥିକ ପ୍ରବନ୍ଧକମାନେ ବ୍ୟବସାୟ ଜଗତରେ ଅତ୍ୟନ୍ତ ଆବଶ୍ୟକ। ସ୍ନାତକ ଡିଗ୍ରୀ ସହ କିଛି ବର୍ଷର ଅଭିଜ୍ଞତା ଥିବା ବ୍ୟକ୍ତି ଏହି ପଦବୀରେ ବାର୍ଷିକ ୨୩୯,୨୦୦ ଡଲାର ପର୍ଯ୍ୟନ୍ତ ଉଚ୍ଚ ଦରମା ପାଇପାରିବେ।

ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନଗୁଡ଼ିକର ବ୍ୟବସାୟିକ ଓ ପ୍ରଶାସନିକ କାର୍ଯ୍ୟ ପରିଚାଳନା କରୁଥିବା ସ୍ୱାସ୍ଥ୍ୟସେବା ପରିଚାଳକମାନେ ରୋଗୀଙ୍କ ପ୍ରତ୍ୟକ୍ଷ ସେବା ନକରି ମଧ୍ୟ ଡାକ୍ତରଖାନା ଓ କ୍ଲିନିକ୍ ସୁଚାରୁରୂପେ ଚଲାଇଥାନ୍ତି। ଏଥିପାଇଁ ସ୍ନାତକ କିମ୍ବା ମାଷ୍ଟର୍ସ ଡିଗ୍ରୀ ଆବଶ୍ୟକ ହୋଇଥାଏ ଏବଂ ବାର୍ଷିକ ଆୟ ୨୧୯,୦୮୦ ଡଲାର ପର୍ଯ୍ୟନ୍ତ ହୋଇପାରେ। ଏହି ୧୨ଟି ମୁଖ୍ୟ କ୍ୟାରିଅର୍ ବ୍ୟତୀତ, ହାଲୁକା ଟ୍ରକ୍ ଚାଳକ ଭାବରେ ମଧ୍ୟ ଏକ ବିଶେଷ ସୁଯୋଗ ରହିଛି। ସ୍ଥାନୀୟ ଅଞ୍ଚଳରେ ପାର୍ସଲ ଓ ସାମଗ୍ରୀ ପରିବହନ କରୁଥିବା ଏହି ଚାଳକମାନେ ପ୍ରତିଦିନ ନିଜ ଘରକୁ ଫେରିବାର ସୁବିଧା ସହ ବାର୍ଷିକ ୭୯,୬୩୦ ଡଲାର ପର୍ଯ୍ୟନ୍ତ ଆୟ କରିପାରିବେ। କେବଳ ଉଚ୍ଚ ଦରମା କିମ୍ବା ଅନ୍ୟଙ୍କ ପ୍ରେରଣାରେ କ୍ୟାରିଅର୍ ଚୟନ ନକରି, ନିଜର ବ୍ୟକ୍ତିତ୍ୱ, ଦକ୍ଷତା, ରୁଚି ଏବଂ ଆଗ୍ରହକୁ ଭଲଭାବେ ପରଖି ସଠିକ୍ ପଥ ବାଛିବା ଉଚିତ୍। ନିଜ ଆଗ୍ରହ ଅନୁସାରେ କାର୍ଯ୍ୟ କଲେ ଜୀବନରେ ସଫଳତା, ଆତ୍ମସନ୍ତୋଷ ଏବଂ ନିରନ୍ତର ସମୃଦ୍ଧି ହାସଲ ହୋଇଥାଏ।



# ଆଧୁନିକ କେଶ ରୋପଣ ପଦ୍ଧତି

କେଶ ରୋପଣ କ୍ଷେତ୍ରରେ ଡାଇରେକ୍ଟ ହେୟାର ଟ୍ରାନ୍ସପ୍ଲାଣ୍ଟେସନ୍ ବା ପ୍ରତ୍ୟକ୍ଷ କେଶ ରୋପଣ ଏକ ବିଶେଷ ଏବଂ ଆଧୁନିକ ପଦ୍ଧତି। ପାରମ୍ପରିକ ଉପାୟରେ କେଶ କୋଷଗୁଡ଼ିକୁ ଶରୀରରୁ ବାହାର କରିବା ପରେ ପୂର୍ବରୁ ସୃଷ୍ଟି କରାଯାଇଥିବା ସ୍ଥାନରେ ରଖିବା ପୂର୍ବରୁ କିଛି ସମୟ ବାହାରେ ରଖାଯାଏ। ମାତ୍ର ଏହି ନୂତନ କୌଶଳରେ ବିଶେଷ ସଲ୍ୟ ଚିକିତ୍ସା ଉପକରଣ ବ୍ୟବହାର କରାଯାଇ କେଶ କୋଷ ବାହାର କରିବା ପରେ ଅତି କମ୍ ସମୟ ମଧ୍ୟରେ ତାହାକୁ ନିୟନ୍ତ୍ରିତ ଭାବେ ପ୍ରତିରୋପଣ କରାଯାଇଥାଏ।

କେଶ କୋଷଗୁଡ଼ିକ କେବଳ ନିଷ୍କ୍ରିୟ ବସ୍ତୁ ନୁହନ୍ତି, ସେଗୁଡ଼ିକ ଜୀବନ୍ତ କ୍ଷୁଦ୍ର ଅଙ୍ଗ। ରକ୍ତ ଯୋଗାଣ ବିନା ଅଧିକ ସମୟ ଶରୀର ବାହାରେ ରହିଲେ ଜଳହୀନତା, ତାପମାତ୍ରା ପରିବର୍ତ୍ତନ ଏବଂ ସୂକ୍ଷ୍ମ ଆଘାତ ଯୋଗୁଁ ସେଗୁଡ଼ିକ ନଷ୍ଟ ହେବାର ସମ୍ଭାବନା ଥାଏ। ତେଣୁ ଶରୀର ବାହାରେ ବିତାଉଥିବା ସମୟକୁ ସର୍ବନିମ୍ନ କରିବା ଦ୍ୱାରା କୋଷଗୁଡ଼ିକ ସୁରକ୍ଷିତ ରହିଥାନ୍ତି। କେଶ ରୋପଣର ସଫଳତା କେବଳ କେତେ ସଂଖ୍ୟକ କୋଷ ରୋପଣ କରାଗଲା ତାହା ଉପରେ ନିର୍ଭର କରେନାହିଁ, ବରଂ ସେଥିମଧ୍ୟରୁ କେତେଟି ଜୀବନ୍ତ ରହି ବୃଦ୍ଧି ପାଉଛନ୍ତି ତାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ନୂତନ ତ୍ୱଚାରେ ସ୍ଥାପିତ ହୋଇ ସାଧାରଣ ବୃଦ୍ଧି ପ୍ରକ୍ରିୟାରେ ପ୍ରବେଶ କରିବା ପରେ ଜୀବନ୍ତ କୋଷରୁ ମଜବୁତ ଓ ପ୍ରାକୃତିକ କେଶ ମିଳିଥାଏ।

ଏହି ସଫଳତା ପଛରେ ଦାତା କେଶର ଗୁଣବତ୍ତା, ରୋଗୀଙ୍କ ବୟସ, ବଂଶଗତ କାରଣ, ଚିକିତ୍ସା ସଠିକତା ଏବଂ ପରବର୍ତ୍ତୀ ସମୟର ଯତ୍ନ ଆଦି ଅନେକ କାରକ ଜଡ଼ିତ। ଶଲ୍ୟ ଚିକିତ୍ସା ଦଳ ଦ୍ୱାରା କୋଷଗୁଡ଼ିକର ଯତ୍ନ ଓ ପ୍ରତିରୋପଣ ପ୍ରକ୍ରିୟା ସିଧାସଳଖ ନିୟନ୍ତ୍ରିତ ହୋଇଥାଏ। ଏହି ପଦ୍ଧତିରେ କୋଷଗୁଡ଼ିକର ଆଞ୍ଜୁଳି, ଗଭୀରତା ଏବଂ ଦିଗର ସଠିକତା ବଜାୟ ରଖାଯାଏ, ଯାହା କେଶ ବଢ଼ିବା ପରେ ଏକ ସମ୍ପୂର୍ଣ୍ଣ ପ୍ରାକୃତିକ ଓ ସୁନ୍ଦର ରୂପ ପ୍ରଦାନ କରେ।

ରୋପିତ କେଶ ସାଧାରଣତଃ ଚିକିତ୍ସାର ତିନିରୁ ଚାରି ମାସ ମଧ୍ୟରେ ଦେଖାଯିବା ଆରମ୍ଭ କରେ, ଛଅରୁ ନଅ ମାସ ମଧ୍ୟରେ ଅଧିକ ସ୍ପଷ୍ଟ ହୁଏ ଏବଂ ବାରରୁ ଅଠର ମାସ ମଧ୍ୟରେ ପୂର୍ଣ୍ଣତା ପାଏ। କେଶ ଝଡ଼ିବା ଏକ ନିରନ୍ତର ପ୍ରକ୍ରିୟା ହୋଇଥିବାରୁ ଏହି ରୋପଣ ପତଳା ଅଞ୍ଚଳକୁ ଢାଙ୍କିବାରେ ସାହାଯ୍ୟ କରେ, କିନ୍ତୁ ବଂଶଗତ କିମ୍ବା ହରମୋନ୍‌ଜନିତ କେଶ ଝଡ଼ିବାକୁ ସମ୍ପୂର୍ଣ୍ଣ ବନ୍ଦ କରିପାରେ ନାହିଁ। ତେଣୁ ଦୀର୍ଘମିଆଦୀ ଯୋଜନା, ଚିକିତ୍ସକଙ୍କ ଦକ୍ଷତା, କୋଷ ପରିଚାଳନା ଏବଂ ଉପଯୁକ୍ତ ଯତ୍ନ ଦ୍ୱାରା ହିଁ କେଶ ସହିତ ଆତ୍ମବିଶ୍ୱାସକୁ ପୁନଃପ୍ରାପ୍ତ କରାଯାଇପାରିବ।

# ସାବୁନ କିପରି ମାରେ ଜୀବାଣୁ ?

ହାତ ଧୋଇବା ଆମ ଦୈନନ୍ଦିନ ଜୀବନର ଏକ ଅତି ସାଧାରଣ ଅଭ୍ୟାସ ହୋଇଥିଲେ ମଧ୍ୟ କେବଳ ପାଣିରେ ହାତ ଧୋଇବା ଅପେକ୍ଷା ସାବୁନ ବ୍ୟବହାର କରିବା ଅଧିକ ପ୍ରଭାବଶାଳୀ ହୋଇଥାଏ। ଏହା ପଛରେ ରହିଛି ରସାୟନ ବିଜ୍ଞାନ, ଘର୍ଷଣ ଏବଂ ସଂକ୍ରମଣ ପ୍ରତିରୋଧର ଏକ ସୁନ୍ଦର କୌଶଳ। ସାବୁନର ସୂକ୍ଷ୍ମ ଅଣୁଗୁଡ଼ିକର ଏକ ବିଶେଷ ଗୁଣ ରହିଛି। ଏହି ଅଣୁର ଗୋଟିଏ ପାଖ ପାଣି ସହ ସହଜରେ ମିଶିପାରୁଥିବା ବେଳେ ଅନ୍ୟ ପାଖଟି ତେଲ ଓ ଚର୍ବିଜାତୀୟ ପଦାର୍ଥ ସହ ଯୋଡ଼ି ହୋଇପାରେ। ଚର୍ମ ଉପରେ ଥିବା ତେଲିଆ ପଦାର୍ଥକୁ ସାବୁନ ଅଣୁଗୁଡ଼ିକ ଚାରିପଟୁ ଘେରି ରହି ଏକ ବିଶେଷ ସୂକ୍ଷ୍ମ ଗଠନ ସୃଷ୍ଟି କରନ୍ତି, ଯାହା ଦ୍ୱାରା ଚର୍ବିଜାତୀୟ ଅଂଶଗୁଡ଼ିକ ପାଣିରେ ମିଶି ସହଜରେ ଧୋଇଯାଏ। ଏହି ପ୍ରକ୍ରିୟା ସମୟରେ ତେଲିଆ ଆବରଣ ସହ ଲାଗି ରହିଥିବା ଅନେକ ଜୀବାଣୁ ମଧ୍ୟ ଚର୍ମରୁ ଅଲଗା ହୋଇ ବାହାରି ଯାଆନ୍ତି। କେବଳ ସାବୁନର ବ୍ୟବହାର ନୁହେଁ, ହାତ ଧୋଇବା ସମୟରେ ହେଉଥିବା ଘର୍ଷଣ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ହାତକୁ ଭଲ ଭାବରେ ଘଷିବା ଦ୍ୱାରା ତ୍ୱଚାର ପୃଷ୍ଠଭାଗରୁ ମଇଳା ଓ ଜୀବାଣୁ ସହଜରେ ବାହାରି ଯାଆନ୍ତି। ଏଥିପାଇଁ ଦୁଇ ହାତର ତଳିପା, ହାତର ପଛପଟ, ଆଙ୍ଗୁଠିର ସନ୍ଧି ଏବଂ ନଖ ଚାରିପାଖକୁ ଅତି କମରେ କୋଡ଼ିଏ ସେକେଣ୍ଡ ଘଷିବା ପରେ ପ୍ରବାହିତ ପାଣିରେ ଭଲ ଭାବରେ ଧୋଇବା ଆବଶ୍ୟକ।

ସାବୁନରେ ହାତ ଧୋଇବା ଦ୍ୱାରା କେବଳ ହାତ ପରିଷ୍କାର ହୁଏ ନାହିଁ, ବରଂ ହାତ ମାଧ୍ୟମରେ ଆଖି, ନାକ, ପାଟି କିମ୍ବା ଅନ୍ୟ ଲୋକଙ୍କ ପାଖକୁ ଜୀବାଣୁ ସଂକ୍ରମିତ ହେବାର ଆଶଙ୍କା ଯଥେଷ୍ଟ କମିଯାଏ। ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଏହି ସରଳ ଅଭ୍ୟାସଟି ଅତ୍ୟନ୍ତ ଫଳପ୍ରଦ।



## ନୌବାଣିଜ୍ୟର ସ୍ମାରକୀ

# 'ସାତଭାୟା' ଓ 'ତଅପୋଇ'

ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀର ବହୁ ପୂର୍ବରୁ ଉ କ୍ଳୀୟମାନେ ଜଳଯାତ୍ରାରେ ନିପୁଣ ଥିଲେ। ପୁରାତନ କାଳରେ ଉପକୂଳରେ ଗଢ଼ି ଉଠିଥିବା ନୌଘାଟି ଓ ବନ୍ଦର ମଧ୍ୟରୁ ଧାମରା, ଚାନ୍ଦବାଲି, ରିଘାଗଡ଼, ଜମ୍ବୁ ମାଇପୁରା, ବାଲିଆପାଳ, ପାଲମିରା, ସାତଭାୟା, ହଂସୁଆ, ନରେନ୍ଦ୍ରପୁର, ମହୁରୀଗାଁ ଓ କନିକା ଦ୍ୱୀପ କନିକା ରାଜ୍ୟରେ ଅନ୍ତର୍ଭୁକ୍ତ ଥିଲା। କନିକାର ସାଧବମାନେ ନୌବାଣିଜ୍ୟରେ ସୁଦକ୍ଷ ଥିଲେ। କିମ୍ବଦନ୍ତୀରୁ ଜଣାଯାଏ, ସମ୍ରାଟ ଖାରବେଳଙ୍କ ସମୟରୁ ଏହି ଅଞ୍ଚଳରୁ ସାଧବ ପୁଅ ଜାଭା, ବାଲି, ସୁମାତ୍ରା ଓ ନ ସିଂହଳ ପ୍ରଭୃତି ଦ୍ୱୀପକୁ ବଣିଜ ନିମନ୍ତେ ଯାଉଥିଲେ। ପୂର୍ବେ ସମୁଦ୍ର ମଧ୍ୟସ୍ଥ ଦ୍ୱୀପ ସମୂହରୁ ମୁକ୍ତା, ପ୍ରବାଳ ଆଦି କନିକାକୁ ଆମଦାନି ହେଉଥିଲା। କବିବର ରାଧାନାଥ ରାୟଙ୍କ କାବ୍ୟକବିତାରେ ଏ ସମ୍ପର୍କରେ ତଥ୍ୟ ମିଳେ। ବହିଃଶତ୍ରୁ ସମୁଦ୍ର ପଥରେ ରାଜ୍ୟ ଭିତରକୁ ପ୍ରବେଶ କରି ନପାରିବା ପାଇଁ କନିକାର ନୌସେନା, ଧାମରା ମୁହାଣଠାରୁ ବରୁଣେଇ ମୁହାଣ ପର୍ଯ୍ୟନ୍ତ ଜଗାରଖା କରୁଥିଲେ। ପୂର୍ବେ ଓଡ଼ିଶା ଉପକୂଳରେ ସର୍ବପ୍ରଧାନ ନୌଶକ୍ତି ଥିଲା କନିକା। କନିକାର ରାଜା କଳିଙ୍ଗ ନୌବାହିନୀର ପ୍ରମୁଖ ଥିଲେ ଏବଂ ଓଡ଼ିଶାର ଗଜପତିଙ୍କଠାରୁ 'ମୁହାଣ ଚୌକିୟା' ଉପାଧି ପାଇଥିଲେ। କନିକାର ନାବିକ ଓ ସାଧବମାନେ ସାମୁଦ୍ରିକ ବାଣିଜ୍ୟରେ ଅଖଣ୍ଡ ଆଧିପତ୍ୟ ବିସ୍ତାର କରିଥିଲେ। ଜଳଦସ୍ୟୁଙ୍କ ଆକ୍ରମଣକୁ ପ୍ରତିହତ କରି ସାଧବମାନଙ୍କୁ ସମୁଦ୍ର ମଧ୍ୟରେ ନିରାପତ୍ତା ଯୋଗାଇ ଦେଉଥିଲେ। କନିକାର ବିଭିନ୍ନ ମୁହାଣ ଓ ବନ୍ଦର ନିକଟବର୍ତ୍ତୀ ଅଞ୍ଚଳରେ ପୂଜା ପାଇ ଆସୁଛନ୍ତି ବିଭିନ୍ନ ଦେବୀ। ସାଧବମାନେ ବୋଇତ ବଣିଜକୁ ଯିବା ପୂର୍ବରୁ ମା' ମଙ୍ଗଳାଙ୍କୁ ଭୋଗ ମନାସୁଥିଲେ। ପାଟଣମଙ୍ଗଳା, ଡାକେଶ୍ୱରୀ, ଧାମରାଈ, ମାଟିଆ ମଙ୍ଗଳା, ମା'ପଞ୍ଚୁବରାହୀ, ମା' ଦକ୍ଷିଣ କାଳୀ ପ୍ରଭୃତି ଏହି ନୌବାଣିଜ୍ୟ ସଂସ୍କୃତି ସହ ଜଡ଼ିତ। କନିକାର ଦେବୀପୀଠରେ ନୌକାର ମଙ୍ଗ ପୂଜା ପାଉଛନ୍ତି।

କନିକା ରାଜ୍ୟ ଛମୁକାରୁ କେରଡ଼ା କଳଦ୍ୱୀପ, ପାଞ୍ଚମୁକା ପର୍ଯ୍ୟନ୍ତ ବିସ୍ତାର ଲାଭ କଲାପରେ ରାଜଧାନୀ ପାଇଁ ଏକ ମଧ୍ୟସ୍ଥଳ ଖୋଜାଗଲା। ବହୁ ଦିଗରୁ ବିଚାର କରାଯାଇ ଭିତରକନିକା ଦକ୍ଷିଣରେ ଥିବା ବନଭୂମି ମଧ୍ୟରେ ସ୍ଥାପନ କରାଗଲା ନୂଆ ରାଜଧାନୀ। ଇତିହାସ ବର୍ଣ୍ଣିତ ରିଘାଗଡ଼ ପ୍ରାଚୀନ କନିକାର ପ୍ରାଣ କେନ୍ଦ୍ର। କନିକାର ସପ୍ତମ ରାଜା ନରସିଂହ ଭଞ୍ଜ ଏହି ଦୁର୍ଗକୁ ନିର୍ମାଣ କରିଥିଲେ। ରିଘାଗଡ଼ ଦୁର୍ଗର ଭୌଗୋଳିକ ସ୍ଥିତି ଦେଖିଲେ ଆଶ୍ଚର୍ଯ୍ୟ ଲାଗେ। ଏହା ବ୍ରାହ୍ମଣୀ ଓ ବୈତରଣୀ ନଦୀର ମିଳନ ସ୍ଥଳରୁ ୨ ମାଇଲ ଦକ୍ଷିଣକୁ ଅବସ୍ଥିତ। ପୂର୍ବରେ ବଙ୍ଗୋପସାଗର, ପଶ୍ଚିମରେ ବ୍ରାହ୍ମଣୀ, ଉତ୍ତରରେ ଭିତରକନିକା ଜଙ୍ଗଲ, ଦକ୍ଷିଣରେ ଘଡ଼ିଆମାଳ। ରିଘାଗଡ଼ ଦୁର୍ଗ ଶତ୍ରୁମାନଙ୍କ ପାଇଁ ଅଭେଦ୍ୟ ଥିଲା। ଏହିଠାରେ ଭଞ୍ଜବଂଶୀ ରାଜାମାନେ ଅବସ୍ଥାନ କରି କନିକା ରାଜ୍ୟ ଶାସନ କରୁଥିଲେ। ରିଘାଗଡ଼ ଦୁର୍ଗକୁ ଜଗାରଖା କରିବା ପାଇଁ ତ ବଗଲିଆ ସମ୍ପ୍ରଦାୟର ଲୋକମାନଙ୍କୁ ରାଜା ଉତ୍ତରପାର୍ଶ୍ୱ ଡାଙ୍ଗମାଳ ଓ ଦକ୍ଷିଣପାର୍ଶ୍ୱ ଘଡ଼ିଆମାଳରେ ରଖାଇଥିଲେ। ସେମାନେ ରାତିସାରା 'ଢ଼ଣ କୋଇଲା' ନାମକ ଏକ ପ୍ରକାର ବାଦ୍ୟ ବଜାଇ, ଗୀତ ଗାଇ ଗଡ଼ ଚାରିପାଖରେ ପହରା ଦେଉଥିଲେ। ୨୧ ରିଘାଗଡ଼ରେ ଇଟା ପଥରରେ ନିର୍ମିତ ବଡ଼ ଦୁର୍ଗଟିଏ ଥିଲା। ଏହାର ଅବସ୍ଥିତି ଯୋଗୁ ଶତ୍ରୁପକ୍ଷ ପାଇଁ ପ୍ରବେଶ ସହଜସାଧ ନଥିଲା। କାରଣ, ଚତୁର୍ଦ୍ଦିଗରେ ପ୍ରାକୃତିକ ଗଡ଼ ଖାଇ ସଦୃଶ ନଦୀ ଓ ଜଙ୍ଗଲ ଘେରି ରହିଥିଲା। ତେଣୁ 'ରିଘା' ନାମ ସହିତ କାର୍ଯ୍ୟର ସମ୍ପର୍କ ଥିଲା। 'ଅରିଘା' ଶବ୍ଦ ଅପଭ୍ରଂଶ ହୋଇ 'ରିଘା' ହୋଇଛି। 'ଅରି' ଘାତ କରିପାରେ ନାହିଁ ଯେଉଁ ଗଡ଼ ତାହା ହିଁ ରିଘାଗଡ଼।

ରିଘାଗଡ଼ରେ ରହିଛି ଶ୍ରୀ ଜଗନ୍ନାଥ ମନ୍ଦିର, ଆଖଣ୍ଡେଶ୍ୱର ମନ୍ଦିର, ଅଷ୍ଟଶମ୍ଭୁ ଶିବଲିଙ୍ଗ ଏବଂ ଭଗ୍ନ କନିକା ରାଜପ୍ରାସାଦ। ସବୁଠୁ ଗୁରୁତ୍ୱ ବହନ କରେ ଏଇ ଗାଁର ସାଧବ ଝିଅ ତଅପୋଇ। ତନୟବନ୍ତ ନାମରେ ଜଣେ ଧନୀ ସୌଦାଗର ଏଇ ରିଘାଗଡ଼ରେ ବାସ କରୁଥିଲେ। ତାଙ୍କର ଅନେକ ବୋଇତ ଥିଲା ଏବଂ ସେ ପ୍ରତିବର୍ଷ ନୌବାଣିଜ୍ୟରେ ଦୂର ବିଦେଶକୁ ଯାଉଥିଲେ। ତାଙ୍କର ସାତ ପୁଅ ଥିଲେ। ସେମାନେ ମଧ୍ୟ ନୌବାଣିଜ୍ୟରେ ଅତି ନିପୁଣ ଥିଲେ। ସାତ ପୁଅଙ୍କର ପିତା ହେଲେ ମଧ୍ୟ କନ୍ୟାଟିଏ ନ ଥିବାରୁ ଅସୁଖୀ ଥିଲେ ତନୟବନ୍ତ। କନ୍ୟା ରତ୍ନ ପାଇଁ ମନ ବଳାଇ ଉଭୟ ସୌଦାଗର ଦମ୍ପତି ମା'ମଙ୍ଗଳାଙ୍କୁ ଭକ୍ତିପୂତ ଚିତ୍ତରେ ପୂଜାର୍ଚ୍ଚନା କରୁଥିଲେ। ତାଙ୍କର ଭକ୍ତି ଓ ତପରେ ପ୍ରୀତ ହୋଇ ମା'ମଙ୍ଗଳା ତାଙ୍କ କୋଳରେ କନ୍ୟା ସନ୍ତାନଟିଏ ଦେଇଥିଲେ। ତପ ବଳରେ ପାଇଥିବାରୁ ଆଦରରେ ପିତାମାତା କନ୍ୟାଟିର ନାଁ ରଖିଥିଲେ 'ତଅପୋଇ'। ବାଲ୍ୟକାଳରୁ ଅତି ଗେଲବସରରେ ବଢ଼ୁଥିଲା ତଅପୋଇ। ସୁନାରେ ତା'ପାଇଁ ଚାନ୍ଦଟିଏ ଗଢ଼ିଦେବାକୁ ପିତାଙ୍କ ନିକଟରେ ଅଳି କରିଥିଲା। ମାତ୍ର ଅଧା ବାନ୍ଦରେ ପିତା ଏବଂ ପୂରା ଚାନ୍ଦରେ ମାତାଙ୍କର ବିୟୋଗ ଫଳରେ ତଅପୋଇ ଜୀବନରେ ଦୁଃଖ ଯନ୍ତ୍ରଣାର ଝଡ଼ ଘୋଟି ଆସିଥିଲା। କୁଳ ବେଉସା ଦୃଷ୍ଟିରୁ ସାତଭାଇ ସାତ ବୋଇତ ଧରି ଦୂର ଦେଶକୁ ବଣିଜ କରିବା ପାଇଁ ଯିବା ପରେ ଅଳିଅଳି ତଅପୋଇ ଜୀବନରେ ଦୁଃଖର ପାହାଡ଼ ଲଦି ହୋଇଯାଏ। ଭାଉଜମାନଙ୍କର ସ୍ନେହ, ଶ୍ରଦ୍ଧା, ଆଦର, ଯତ୍ନ ସମୟକ୍ରମେ ଘୃଣା ଏବଂ କ୍ରୋଧରେ ବଦଳିଯାଏ। କେବଳ ସାନଭାଉଜଙ୍କ ସ୍ନେହରେ ବଞ୍ଚି ରହିଥିଲା ତଅପୋଇ। ବଡ଼ଭାଉଜମାନେ ତାକୁ ଛେଳି ଜଗାଇଲେ। ମାତ୍ର ବଡ଼ଭାଉଜଙ୍କ ପ୍ରିୟ ଛେଳି ଘରମଣି ହଜିଯିବାରୁ ତାକୁ ଘରୁ ତଡ଼ି ଦିଆଗଲା।

ଝଡ଼ତୋଫାନ ରାତିରେ ଅନ୍ଧାର ଅରଣ୍ୟ ମଧ୍ୟରେ ଘରମଣିକୁ ଖୋଜିଖୋଜି ନପାଇ ବାଟ ବଣା ହୋଇ ଅତି ବିକଳରେ କ୍ରନ୍ଦନ କରୁଥିଲା ତଅପୋଇ। ସଂଯୋଗକ୍ରମେ ସାତଭାଇ ଧାମରା ମୁହାଣରୁ ପଥଭ୍ରଷ୍ଟ ହୋଇ ଜଳଦସ୍ୟୁଙ୍କ କବଳରୁ ବଞ୍ଚିବା ପାଇଁ ସାତଭାଇଆ ସମୁଦ୍ର ବେଳାରେ ବୋଇତ ଲଗାଇ ଦେଇଥିଲେ। ସେତେବେଳେ ଭିତରକନିକା ଥିଲା ଭଞ୍ଜ ବଂଶୀ ରାଜାଙ୍କ ଅଧୀନରେ ଥିବା ପଞ୍ଚୁ ବରାହୀ ପୀଠ ଠାରୁ ଦକ୍ଷିଣକୁ କଳଦୀପଗଡ଼ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହି ଗଡ଼ର ରାଜକୁମାର ଅମର ପ୍ରସାଦଙ୍କ ସାହାଯ୍ୟ ଓ ସହଯୋଗରେ ଉଦ୍ଧାର ପାଇଥିଲେ ସାଧବ ସାତଭାଇ। ତଅପୋଇର କରୁଣକ୍ରନ୍ଦନ ତାଙ୍କ କାନରେ ପଡ଼ିଥିଲା। ବଡ଼ଭାଇଙ୍କ ନିର୍ଦ୍ଦେଶରେ ମଶାଲ ଜାଳି ଜଙ୍ଗଲରେ ଖୋଜି ଖୋଜି ତାଙ୍କର ଅତି ଅଳିଅଳ ଭଉଣୀ ତଅପୋଇକୁ ପାଇଥିଲେ। ଭାଇମାନଙ୍କ ଶୁଭ ପ୍ରତ୍ୟାବର୍ତ୍ତନ ପାଇଁ ମା'ମଙ୍ଗଳାଙ୍କ ନିକଟରେ ମାନସିକ କରି ତଅପୋଇ ପୂଜାର୍ଚ୍ଚନା କରୁଥିଲା। ସାନ ଭାଉଜ ଦେଇଥିବା ଖୁଦକୁ ଭକ୍ତିରେ ମା'ମଙ୍ଗଳାଙ୍କୁ ନୈବେଦ୍ୟ ରୂପେ ଅର୍ପଣ କରିଥିଲା। ମା'ମଙ୍ଗଳା ତଅପୋଇର ଭକ୍ତିରେ ତା'ର ଖୁଦକୁ ରଙ୍କୁଣୀ ପରି ଚାହିଁ ରହୁଥିଲେ। ଆଜି ବି ମା' ମଙ୍ଗଳାଙ୍କୁ କୁମାରୀମାନେ ନିଜର ପ୍ରିୟ ଭାଇମାନଙ୍କ ଶୁଭ କାମନା କରି ଖୁଦୁରୁକୁଣୀ ବା ଖୁଦରଙ୍କୁଣୀ ରୂପରେ ପୂଜା କରିଥାନ୍ତି। ମା'ମଙ୍ଗଳାଙ୍କ ଆଶୀର୍ବାଦରେ ତଅପୋଇ ସହ ସାତ ଭାଇଙ୍କର ମିଳନ ହୁଏ। ତଅପୋଇର ଦୁଃଖ ଦୂର ହୁଏ।

ତଅପୋଇ ଯେଉଁ ମଙ୍ଗଳାଙ୍କୁ ପୂଜା କରୁଥିଲେ, ସେ ଥିଲେ ରାଜନଗରର ବାରଗାଁର ମାଟିଆ ମଙ୍ଗଳା ଏବଂ ଭିତରକନିକା, ଡ଼ାଙ୍ଗମାଳର ଜୟଦୁର୍ଗା। ତଅପୋଇଙ୍କୁ ଭାଇମାନେ ଯେଉଁଠି ଠାବ କରିଥିଲେ, ସେ ସ୍ଥାନ ଆଜି 'ସାତଭାୟା' ନାମରେ ପରିଚିତ। ତଅପୋଇ ଆଖ୍ୟାନରେ ବର୍ଣ୍ଣିତ ସମୁଦ୍ର, ଦ୍ୱୀପ, ଜଙ୍ଗଲ, ଜନପଦର ଭୌଗୋଳିକ ଭିତ୍ତିଭୂମି ସହ ଏହି ଅଞ୍ଚଳର ସାମଞ୍ଜସ୍ୟ ରହିଛି। ଏପରି ସାମଞ୍ଜସ୍ୟ ଥିବା ଓଡ଼ିଶା ଉପକୂଳର ଅନ୍ୟ କୌଣସି ସ୍ଥାନ ଏ ପର୍ଯ୍ୟନ୍ତ ଚିହ୍ନଟ ହୋଇନାହିଁ। ରିଘାଗଡ଼ ଓ ସାତଭାୟା ଅଞ୍ଚଳ ହିଁ ଲୋକବିଶ୍ୱାସରେ ଏ ଯାଏଁ ତଅପୋଇର ଅଞ୍ଚଳ ଭାବେ ଖ୍ୟାତ ହୋଇ ଆସିଛି।



# ଲଙ୍କପତି ରାବଣ

ଦଶହରାରେ ଭଗବାନ ରାମ ଲଙ୍କାପତି ଅସୁର ରାବଣକୁ ଯୁଦ୍ଧରେ ହରାଇ ବଧ କରିଥିଲେ। ତେଣୁ ଦଶହରାକୁ ବିଜୟ ଦଶମୀ ବୋଲି ମଧ୍ୟ କୁହାଯାଏ। ଦଶହରାରେ ପୂରା ଦେଶରେ ଭଗବାନ ରାମଙ୍କୁ ପୂଜା କରାଯାଇଥାଏ। ପ୍ରତୀକାତ୍ମକ ଭାବେ ରାବଣ ପୋଡ଼ି ମଧ୍ୟ କରାଯାଏ। ମାତ୍ର ଦେଶରେ ଏମିତି କିଛି ସ୍ଥାନ ରହିଛି ଯେଉଁଠି ରାମଙ୍କୁ ନୁହେଁ, ରାବଣକୁ ପୂଜା କରାଯାଉଛି। ଚାଲନ୍ତୁ ଜାଣିବା ଦେଶର ଏମିତି ୬ଟି ସ୍ଥାନ ସମ୍ପର୍କରେ ଯେଉଁଠି ରାବଣଙ୍କୁ ପୂଜା କରାଯାଉଛି।

ମଧ୍ୟପ୍ରଦେଶର ମନ୍ଦସୌରାରେ ରାବଣ ପୂଜା କରାଯାଉଛି। ମନ୍ଦସୌରାର ପୁରୁଣା ନାମ ଦଶପୁର ଥିଲା। ଏହା ରାବଣର ପତ୍ନୀ ମନ୍ଦୋଦରୀଙ୍କ ବାପଘର ଥିଲା ବୋଲି କୁହାଯାଏ। ତେଣୁ ଏହି ସ୍ଥାନର ନାମ ମନ୍ଦସୌରା ରଖାଯାଇଛି। ରାବଣର ଏହା ଶ୍ୱଶୁର ଘର ଥିବାରୁ ଏଠାରେ ରାବଣ ପୋଡ଼ି କରା ନ ଯାଇ ତାଙ୍କୁ ପୂଜା କରାଯାଉଛି। ଉତ୍ତର ପ୍ରଦେଶର ବିଶରଖ ନାମକ ଗାଁରେ ରାବଣ ପୂଜା କରାଯାଏ। ଏହି ଗାଁକୁ ରାବଣଙ୍କ ମାମୁଘର ବୋଲି କୁହାଯାଏ। ରାବଣର ପିତା ବିଶ୍ରବା ଋଷିଙ୍କ ନାମାନୁସାରେ ଏହି ଗାଁର ନାମ ରହିଛି ବିଶରଖ। ଉତ୍ତର ପ୍ରଦେଶର ଯଶବନ୍ତପୁରରେ ଦଶହରା ଦିନ ରାବଣଙ୍କୁ ପୂଜା କରାଯାଏ। ଏହା ପରେ ରାବଣକୁ ଖଣ୍ଡ ଖଣ୍ଡ କରି ଦିଆଯାଏ। ଅମରାବତୀର ଗଢ଼ଚିରୌଲିରେ ବାସ କରୁଥିବା ଆଦିବାସୀ ସମ୍ପ୍ରଦାୟ ଦଶହରାରେ ରାବଣ ପୂଜା କରନ୍ତି। ଏଠାରେ ରହୁଥିବା ଆଦିବାସୀ ସମ୍ପ୍ରଦାୟ ରାବଣଙ୍କୁ ନିଜର ଦେବତା ଭାବେ ପୂଜା କରନ୍ତି। ହିମାଚଳ ପ୍ରଦେଶର କାଙ୍ଗଡ଼ା ଜିଲ୍ଲାରେ ରାବଣଙ୍କୁ ପୂଜା କରାଯାଉଛି। ସୂଚନାଯୋଗ୍ୟ ରାବଣ ଏଠାରେ ଭଗବାନ ଶିବଙ୍କ ଉଦ୍ଦେଶ୍ୟରେ କଠୋର ତପସ୍ୟା କରିଥିଲେ। ଭଗବାନ ଭୋଳାନାଥ ରାବଣଙ୍କୁ ମୋକ୍ଷ ବରଦାନ ଦେଇଥିଲେ। ତେଣୁ ଏଠାରେ ରାବଣଙ୍କ ପୁତ୍ତଳିକା ଦହନ କରାଯାଏ ନାହିଁ। ଯୋଧପୁରର ମନ୍ଦୋରାକୁ ରାବଣଙ୍କ ପତ୍ନୀ ମନ୍ଦୋଦରୀଙ୍କ ବାପଘର ବୋଲି ମଧ୍ୟ କୁହାଯାଏ। ମନ୍ଦୋରାରେ ଏବେ ବି ରାବଣ ଏବଂ ମନ୍ଦୋଦରୀଙ୍କ ବିବାହ ମଣ୍ଡପ ରହିଛି। ଏଠାରେ ସେମାନେ ବିବାହ ସମୟରେ ଅଗ୍ନି ଚାରିପଟେ ୭ ଥର ପରିକ୍ରମା କରିଥିଲେ ବୋଲି ବିଶ୍ୱାସ ରହିଛି। ଏଠାରେ ରାବଣ ଓ ମନ୍ଦୋଦରୀଙ୍କ ପୂଜା କରାଯାଏ।

# ଅଗରକରଙ୍କ ଭବିଷ୍ୟକୁ ନେଇ ସସ୍‌ପେନ୍ସ ଜାରି

ମୁମ୍ବାଇ: ବିସିସିଆଇ ହେଡ୍‌କ୍ୱାର୍ଟର୍‌ରେ ଶୁକ୍ରବାର ବୋର୍ଡର ୯୫ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚୟନ କମିଟିର ଭବିଷ୍ୟକୁ ନେଇ ବଡ଼ ପଦକ୍ଷେପ ନିଆଯାଇଛି। ସିନିୟର୍ ଏବଂ ଜୁନିୟର୍ ପୁରୁଷ ଚୟନ କମିଟି ସହ ଜନିତ ସମସ୍ତ ନିଷ୍ପତ୍ତି ଅଧିକାର ବୋର୍ଡର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ତେବେ ଅଜିତ ଅଗରକରଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ନେଇ କୌଣସି ନିଷ୍ପତ୍ତି ହୋଇପାରି ନାହିଁ। ଅଗରକରଙ୍କ ଚୁକ୍ତି ଚଳିତ ବର୍ଷ ଅକ୍ଟୋବରରେ ଶେଷ ହେବ। ଏବେ ଦେଖିବାର ଅଛି ଯେ ଆସନ୍ତାବର୍ଷ ହେବାକୁ ଥିବା ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଉଛି କି ନାହିଁ।

ଅଗରକରଙ୍କ ପଦକୁ ନେଇ ସୃଷ୍ଟି ଅସମଞ୍ଜସ୍ୟ ସ୍ଥିତି ମଧ୍ୟରେ ପୂର୍ବତନ ଭାରତୀୟ ୱିକେଟ୍‌କିପର୍ ବ୍ୟାଟର୍ ପାର୍ଥିବ ପଟେଲ୍‌ଙ୍କ ନାମ ସର୍ବାଗ୍ରେ ରହିଛି। ଆଇପିଏଲ୍‌ରେ ଗୁଜରାଟ ଟାଇଟନ୍ସର ସହାୟକ କୋଚ୍ ଏବଂ କମେଣ୍ଟେଟର୍ କାମ କରୁଥିବା ପାର୍ଥିବ ପଟେଲ୍‌ଙ୍କୁ ଅଗରକରଙ୍କ ବିକଳ୍ପ ଭାବେ ଦେଖାଯାଉଛି। ପାର୍ଥିକ ସନ୍ନ୍ୟାସ ନେବାର ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ହୋଇଯାଇଥିବାରୁ ସେ ମୁଖ୍ୟ ଚୟନକର୍ତ୍ତା ହେବାକୁ ଥିବା ନିୟମରେ ପୂରା ଫିଟ୍ ହେଉଛନ୍ତି। ଯଦି ଅଗରକାରଙ୍କ କାର୍ଯ୍ୟକାଳ ବୃଦ୍ଧି କରାନଯାଏ, ତେବେ ବିସିସିଆଇ ନୂଆ ଆବେଦନ ପାଇଁ ବିଜ୍ଞାପନ ପ୍ରକାଶ କରିବ ଏବଂ ସାକ୍ଷାତ୍‌କାର ଜରିଆରେ ନୂଆ ମୁଖ୍ୟ ଚୟନକର୍ତ୍ତା ଚୟନ କରିବ। ବିସିସିଆଇ ଉପସଭାପତି ରାଜୀବ ଶୁକ୍ଲା ବୈଠକ ପରେ ମିଡିଆ ସହିତ କଥାବାର୍ତ୍ତାବେଳେ କହିଛନ୍ତି, ଚୟନ କମିଟିକୁ ନେଇ ନିଷ୍ପତ୍ତି ପରେ ହେବ। ଏହା ବ୍ୟତୀତ ବୈଠକରେ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ନିଆଯାଇଛି। ଅରୁଣ ଧୂମଲ୍ ଏବଂ ଖୈରୁଲ୍ ଜମାଲ ମଜୁମଦାର (ମାମୋନ୍)ଙ୍କୁ ବିନା ବିରୋଧରେ ପୁଣିଥରେ ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍‌ସିଲ୍ ପାଇଁ ଚୟନ କରାଯାଇଛି। ଧୂମାଲ ପୂର୍ବପରି ଆଇପିଏଲ୍ ଅଧ୍ୟକ୍ଷ ରହିବେ। ଏହା ବ୍ୟତୀତ ଘରୋଇ କ୍ରିକେଟ୍‌ର ଅମ୍ପାୟାର୍, ମ୍ୟାଚ୍ ରେଫରି ଏବଂ ସ୍କୋରରଙ୍କ ଫି'ରେ ବଡ଼ ଧରଣର ବୃଦ୍ଧି କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏହା ସ୍ଥିର କରିବା ପାଇଁ ଏକ ତିନିଜଣିଆ କମିଟି ଗଠନ କରାଯିବ। କେତେକ ୫୦ ଓଭର୍ ମ୍ୟାଚ୍‌କୁ ଏବେ ୨୦ ଓଭର୍ ବିଶିଷ୍ଟ କରିଦିଆଯାଇଛି। ସେହିପରି ରାଞ୍ଚିରେ ହେବାକୁ ଥିବା ବର୍ଡର୍-ଗାଭାସ୍କର ଟ୍ରଫି (ବିଜି) ଟେଷ୍ଟ୍ ମ୍ୟାଚ୍‌ର ଭେନ୍ୟୁକୁ ବଦଳାଇବା ପାଇଁ କୌଣସି ଆଲୋଚନା ହୋଇନାହିଁ। ଏହା ସହିତ ଆଇନଗତ ଅସୁବିଧା କାରଣରୁ ଆଣ୍ଡାମାନ ଓ ନିକୋବର ଦ୍ୱୀପ ସମୂହକୁ ବିସିସିଆଇରେ ଯୋଡ଼ିବା ନିଷ୍ପତ୍ତିକୁ ଟାଳି ଦିଆଯାଇଛି।

## ପ୍ରଥମ ଅଣ୍ଡର-୧୯ ଦିନିକିଆ

# ଅଷ୍ଟ୍ରେଲିଆକୁ ୭ ରନ୍‌ରେ ହରାଇଲା ଭାରତ




ରାଜକୋଟ: ସ୍ଥାନୀୟଲ ନିରଞ୍ଜନ ଶାହ ଷ୍ଟାଡିୟମ୍‌ରେ ଭାରତ ଅଣ୍ଡର-୧୯ ଓ ଅଷ୍ଟ୍ରେଲିଆ ଅଣ୍ଡର-୧୯ ମଧ୍ୟରେ ଆରମ୍ଭ ହୋଇଥିବା ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ୭ ରନ୍‌ରେ ବିଜୟୀ ହୋଇଛି। ବର୍ଷା ପ୍ରଭାବିତ ଏହି ମ୍ୟାଚ୍‌କୁ ୨୦ ଓଭର୍ ବିଶିଷ୍ଟ କରାଯାଇଥିଲା। ପ୍ରଥମେ ଭାରତ ୬ ୱିକେଟ୍ ହରାଇ ୧୮୨ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ଅଣ୍ଡର-୧୯ ଟିମ୍ ୭ ୱିକେଟ୍ ବିନିମୟରେ ୧୭୫ ରନ୍ କରିପାରିଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ଭାରତୀୟ ଅଣ୍ଡର-୧୯ ଟିମ୍ ପାଇଁ ଅଲ୍‌ରାଉଣ୍ଡର୍ ଯଶବର୍ଦ୍ଧନ ଚୌହାନ୍ ୩୪ ବଲ୍‌ରେ ପାଞ୍ଚ ଚୌକା ଓ ଦୁଇ ଛକା ବଳରେ ସର୍ବାଧିକ ୫୪ ରନ୍ କରିଥିଲେ। ଏହା ବ୍ୟତୀତ ଅନ୍ୱୟ ଦ୍ରାବିଡ଼୍‌ଙ୍କ ସହ ସେ ପଞ୍ଚମ ୱିକେଟ୍ ପାଇଁ ୬୯ ରନ୍‌ର ପାର୍ଟନରଶିପ୍ ମଧ୍ୟ କରିଥିଲେ। ପୂର୍ବତନ ଖେଳାଳି ରାହୁଲ ଦ୍ରାବିଡ଼୍ ଓ ବୀରେନ୍ଦ୍ର ସେହ୍ୱାଗ୍‌ଙ୍କ ପୁଅ ଅନ୍ୱୟ ଓ ଆର୍ଯ୍ୟବୀର ଏହି ମ୍ୟାଚ୍‌ରେ ଡେବ୍ୟୁ କରିଥିଲେ। ଆର୍ଯ୍ୟବୀର ପିତାଙ୍କ ପରି ଇନିଂସ୍ ଓପନ୍ କରି ୨୬ ବଲ୍‌ରେ ୫ ଚୌକା ସହାୟତାରେ ୨୮ ରନ୍ କରିଥିଲେ। ସେହିପରି ଅନ୍ୱୟ ୬ଷ୍ଠ ନମ୍ବରରେ ବ୍ୟାଟିଂ ପାଇଁ ଆସି ୧୮ ବଲ୍‌ରେ ୩୮ ରନ୍‌ର ଇନିଂସ୍ ଖେଳିଥିଲେ। ତାଙ୍କ ଇନିଂସ୍‌ରେ ଦୁଇଟି ଚୌକା ଓ ତିନିଟି ଛକା ସାମିଲ ଥିଲା।

ଜବାବରେ ଓପ୍ନର୍ ନୀଲ୍ ପଟେଲ୍ (୪୫) ଓ ହେଡେନ୍ ବାରବୁଲୋଭିକ୍ (୪୦) ଅଷ୍ଟ୍ରେଲିଆକୁ ଭଲ ଆରମ୍ଭ ଦେଇଥିଲେ। ଦୁହେଁ ପ୍ରଥମ ୱିକେଟ୍ ପାଇଁ ୫୮ ରନ୍ ଯୋଡ଼ିଥିଲେ। ହେଡ୍ ହୋଲିକ୍ ୨୪ ରନ୍‌ର ଯୋଗଦାନ ଦେଇଥିଲେ। କ୍ୟାପ୍‌ଟେନ୍ ଜ୍ୟାକ୍ ଜୋସ୍‌ନେକ୍ ୨୭ ବଲ୍‌ରେ ସର୍ବାଧିକ ୫୫ ରନ୍ କରିଥିଲେ। ଯଶବର୍ଦ୍ଧନ ଚୌହାନ୍ ସେଟ୍ ବ୍ୟାଟର୍ ବାରବୁଲୋଭିକ୍ ଓ ନୀଲ୍ ପଟେଲ୍‌ଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ଅଷ୍ଟ୍ରେଲିଆକୁ ଶେଷ ଓଭର୍‌ରେ ବିଜୟ ପାଇଁ ୧୧ ରନ୍‌ର ଆବଶ୍ୟକତା ଥିଲା। ଫାଷ୍ଟ ବୋଲର୍ ମୋହିତ ଉଲ୍‌ଭା ସଠିକ୍ ବୋଲିଂ କରି ମାତ୍ର ୩ ରନ୍ ଦେଇଥିଲେ ଏବଂ ଭାରତ ଏକ ରୋମାଞ୍ଚକର ବିଜୟ ହାସଲ କରିଥିଲା।

# ଏସିଆନ୍ ଗେମ୍ସ ସେମିରେ ଭାରତୀୟ ମହିଳା ଟିମ୍

ନିଶିନ୍: ଭାରତୀୟ ମହିଳା ଟିମ୍ ଏସିଆନ୍ ଗେମ୍ସ ୨୦୨୬ର ସେମିଫାଇନାଲ୍‌ରେ ପହଞ୍ଚିଛି। ଭାରତ ରବିବାରର ସେମିଫାଇନାଲ୍‌ରେ ବାଂଲାଦେଶକୁ ଭେଟିବ। ଶୁକ୍ରବାର ଖେଳାଯାଇଥିବା କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ଭାରତୀୟ ଟିମ୍ ଜାପାନକୁ ୮ ୱିକେଟ୍‌ରେ ହରାଇ ଦେଇଛି। କୋରୋଗୀ ସ୍ପୋର୍ଟ୍ସ ପାର୍କରେ ଜାପାନ ଟିମ୍ ୧୯.୫ ଓଭର୍‌ରେ ୫୭ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଟିମ୍ ପକ୍ଷରୁ ଆୟକା କାଟୋ-ଷ୍ଟାଫୋର୍ଡ ୪୭ ବଲ୍‌ରେ ସର୍ବାଧିକ ୨୫ ରନ୍ ଏବଂ ହାରୁନା ଇୱାସାକି ୧୦ ରନ୍ କରିଥିଲେ। ଏହା ବ୍ୟତୀତ ଅନ୍ୟ କୌଣସି ବ୍ୟାଟର୍ ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। ଭାରତ ପକ୍ଷରୁ ଶ୍ରୀ ଚରଣୀ ୪ଟି ୱିକେଟ୍ ନେଇଥିଲେ। ଶେଫାଳୀ ବର୍ମାଙ୍କୁ ଦୁଇଟି ଏବଂ ଦୀପ୍ତି ଶର୍ମା ଓ ଶ୍ରେୟଙ୍କା ପାଟିଲ୍‌ଙ୍କ ୧-୧ ସଫଳତା ମିଳିଥିଲା। ଜବାବରେ ଭାରତ ଶେଫାଳୀ ବର୍ମାଙ୍କ ୧୫ ବଲ୍‌ରେ ଅପରାଜିତ ୪୦ ରନ୍ ସହାୟତାରେ ୫ ଓଭର୍‌ରେ ୨ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି। ଜି କମଳିନୀ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିବା ବେଳେ ଭାରତୀ ଫୁଲମାଲୀ ମାତ୍ର ୬ ରନ୍ କରିଥିଲେ। ୱିକେଟ୍‌କିପର୍ ରିଚା ଘୋଷ ୬ ବଲ୍‌ରେ ଦୁଇଟି ଚୌକା ସହାୟତାରେ ୧୨ ରନ୍ କରି ଅପରାଜିତ ରହିଥିଲେ। ଭାରତ ୨୦୨୩ ଏସିଆନ୍ ଗେମ୍ସର ଡିଫେଣ୍ଡିଂ ଚାମ୍ପିଅନ୍। ଟିମ୍ ସ୍ୱର୍ଣ୍ଣ ପଦକ ଜିତିଥିଲା। ଭାରତ ନିକଟରେ ଅଷ୍ଟମ ଥର ମହିଳା ଏସିଆ କପ୍ ଟାଇଟଲ୍ ମଧ୍ୟ ନିଜ ନାମରେ କରିଛି।

ଆପଣଙ୍କର ଅଞ୍ଚଳର ଖବର କିମ୍ବା ନିଜର ଆଲେଖ୍ୟ ନିମ୍ନଲିଖିତ ଇ-ମେଲ୍‌ରେ ପଠାଇପାରିବେ।

ଯୋଗାଯୋଗ -
ରଣଜିତ୍ ପଟ୍ଟନାୟକ
ମୁଖ୍ୟ ପ୍ରତିନିଧି
Email:
mediatejaswini@gmail.com

# ଏସିଆ ଗେମ୍ସ ପୂର୍ବରୁ ପ୍ରସ୍ତୁତିକୁ ନେଇ ପୁଣି ଉଠିଲା ପ୍ରଶ୍ନ

ନାଗୋୟା: ଏସିଆନ୍ ଗେମ୍ସ ପୂର୍ବରୁ ଆୟୋଜକ ସହର ନାଗୋୟାରେ ବ୍ୟବସ୍ଥାକୁ ନେଇ ଲଗାତାର ପ୍ରଶ୍ନ ଉଠିବାରେ ଲାଗିଛି। ୩୦-୩୫ ଭାରତୀୟ ଖେଳାଳିଙ୍କୁ ରହିବା ପାଇଁ ରୁମ୍ ମିଳିନାହିଁ। ଏହାପରେ ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ)କୁ ରୁମ୍ ବୁକ୍ କରିବାକୁ ପଡ଼ିଛି। କେବଳ ଭାରତ ନୁହେଁ ଚୀନ୍, ସାଉଥ୍ କୋରିଆ ଏବଂ ସ୍ୱୟଂ ଆୟୋଜକ ଜାପାନର ଖେଳାଳିମାନଙ୍କୁ ମଧ୍ୟ ରହିବା ଏବଂ ଯିବାଆସିବାରେ ଅସୁବିଧା ହୋଇଛି। ଗୋଟିଏ ସପ୍ତାହ ପୂର୍ବରୁ ନାଗୋୟାରେ ରେକର୍ଡ ବର୍ଷା ହୋଇଥିଲା। ଏହା ଫଳରେ ଟ୍ରେନ୍ ସେବା ପ୍ରଭାବିତ ହୋଇଥିଲା। ଏବେ ପାଗ ସାମସ୍ୟା ଥିଲେ ମଧ୍ୟ ଗେମ୍ସର ବ୍ୟବସ୍ଥା ସହ ଜଡ଼ିତ ଅଭିଯୋଗ ଜାରି ରହିଛି। ଏସିଆନ୍ ଗେମ୍ସ ଶନିବାରଠାରୁ ଆରମ୍ଭ ହେବ। ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟରେ ୪୫ ଦେଶର ଖେଳାଳି ୪୩ ଖେଳରେ ଭାଗନେବେ।

ଭାରତୀୟ ଟିମ୍‌ର ଔପଚାରିକ ସ୍ୱାଗତ ସମାରୋହ ମଧ୍ୟ ସମୟରେ ହୋଇପାରି ନାହିଁ। କାର୍ଯ୍ୟକ୍ରମ ପ୍ରାୟ ୨୦ ମିନିଟ୍ ବିଳମ୍ବରେ ଆରମ୍ଭ ହୋଇଥିଲା ଏବଂ କିଛି ସମୟ ପରେ ଏହାକୁ ରୋକି ଦିଆଯାଇଛି। ଭାରତ ସହିତ ଅନ୍ୟ ଦେଶର ପ୍ରତିନିଧି ମଧ୍ୟ ସେଠାରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ୧୫ ମିନିଟ୍ ପରେ ପୁଣିଥରେ ଆରମ୍ଭ କରିବାକୁ କୁହାଯାଇଥିଲା। କିନ୍ତୁ ପ୍ରାୟ ଦୁଇଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା ଏବଂ ପରେ ସମାରୋହ ପୂରା କରାଯାଇଥିଲା।

ଭାରତର ଶେଫ୍ ଡି ମିଶନ୍ ସହଦେବ ଯାଦବ କହିଛନ୍ତି, ୩୦-୩୫ ଭାରତୀୟ ଖେଳାଳିଙ୍କ ରହିବା ପାଇଁ ରୁମ୍ ମିଳିନାହିଁ। ଭାରତରୁ ଅନୁମାନଠାରୁ ଅଧିକ ଖେଳାଳି ଆସିଛନ୍ତି ବୋଲି ଆୟୋଜକମାନେ କହିଛନ୍ତି। ଅବଶ୍ୟ ଆୟୋଜକ ଯେତେ ସଂଖ୍ୟକ ଖେଳାଳିଙ୍କ ପାଇଁ ବିଲ୍ ପଠାଇଥିଲେ ଭାରତ ସେତିକି ସଂଖ୍ୟକ ଖେଳାଳି ପଠାଇଛି ବୋଲି ସେ କହିଛନ୍ତି। ଏହାପରେ ସ୍ଥିତି ସମ୍ଭାଳିବା ପାଇଁ ଆଇଓଏ ୧୮ ଅତିରିକ୍ତ ହୋଟେଲ୍ ରୁମ୍ ବୁକ୍ କରିଛି। ଆଉ ୧୦ଟି ରୁମ୍ ରିଭର୍ଜ ରଖିବା ପ୍ରସ୍ତୁତି ମଧ୍ୟ କରାଯାଇଛି। ଏହା ପୂର୍ବରୁ ୧୫ ତାରିଖ ରାତି ପ୍ରାୟ ୯ଟା ବେଳେ ଭାରତୀୟ ଶୁଟର୍‌ମାନେ ନାଗୋୟା ପହଞ୍ଚିଥିବା ବେଳେ ସେମାନଙ୍କ ବିମାନ ବନ୍ଦରରେ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିଥିଲା। ପ୍ରାୟ ଭୋର୍ ୫ଟା ବେଳେ ସେମାନେ ଆବାସରେ ପହଞ୍ଚିଥିଲେ। ଟିମ୍‌କୁ ପ୍ରାକ୍ଟିସ୍ ସ୍ଥଳରେ ପହଞ୍ଚିବାରେ ମଧ୍ୟ ଅସୁବିଧା ହେଉଛି। ପ୍ରାୟ ତିନିଘଣ୍ଟାର ଅପେକ୍ଷା ଏବଂ ଦୁଇ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଯାତ୍ରାରେ ଲାଗୁଛି। ଏହା ଯୋଗୁଁ ଖେଳାଳିଙ୍କ ପ୍ରାକ୍ଟିସ୍ ସ୍ଲଟ୍ ମଧ୍ୟ ହାତଛଡ଼ା ହୋଇଛି। ବ୍ୟବସ୍ଥାର ଅସୁବିଧା କେବଳ ବିଦେଶୀ ଟିମ୍‌ଙ୍କ କ୍ଷେତ୍ରରେ ସୀମିତ ରହିନାହିଁ। ଜାପାନର ଖେଳାଳିମାନଙ୍କୁ ପାଇଁ ମଧ୍ୟ ବିକଳ୍ପ ରହିବା ବ୍ୟବସ୍ଥା କରିବାକୁ ପଡ଼ିଛି। କେତେକ ଜାପାନୀ ଖେଳାଳିଙ୍କ ରୁମ୍‌ରେ ପୁରୁଷ ଏବଂ ମହିଳା ଖେଳାଳିଙ୍କୁ ଏକାଠି ରହିବା ସ୍ଥିତି ଉତ୍ପନ୍ନ ହୋଇଛି। ଏହାପରେ ଜାପାନ ଅଲିମ୍ପିକ୍ କମିଟି ବୈକଳ୍ପିକ ହୋଟେଲ୍ ରୁମ୍ ରିଜର୍ଭ କରିଛନ୍ତି।

'ତେଜସ୍ୱିନୀ' ସାପ୍ତାହିକ ଓଡ଼ିଆ ଖବରକାଗଜ ପାଇଁ ଜିଲ୍ଲା ପ୍ରତିନିଧି, ବ୍ଲକ ପ୍ରତିନିଧି ଆବଶ୍ୟକ।
ଯୋଗାଯୋଗ
୯୪୩୯୫୦୫୨୧୫

TARIFF
Colour Full- 30000/
Half - 15000/
BW Full-20000/
Half - 10000/




Printed, Published & Owned by **Prof.Jatindra Nath Das** Bhubaneswar -751002, Dist.- Khordha, Orissa, Published at Plot No.: A/8, Bijaya Vihar, Nuagao P.o Sisupalgarh, Bhubaneswar-751002 Ph : 9937307725, Email: mediatejaswini@gmail.com
**Printed at :** Chandan Printers, Plot No.-3, Gopabandhu Chhak, Unit-8, Bhubaneswar, Odisha
**Editor : Sanja Sameer Mohapatra, ସମ୍ପାଦକ : ସଞ୍ଜୁ ସମୀର ମହାପାତ୍ର**